ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK
ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.255, Bhubaneswar Friday, November 22, 2019 | ୨୨ତମ ବର୍ଷ ସଂଖ୍ୟା-୨୫୫ ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୨୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ରଣକ୍ଷେତ୍ର ପାଲଟିଲା ବିଧାନସଭା

## - ପୋଡିୟମ୍ ଉପରେ ବସିଲେ ତାରା - ହଟ୍ଟଗୋଳ ମଧ୍ୟରେ ରାଜସ୍ୱ ବିଭାଗର ଖର୍ଚ୍ଚଦାବି ପାରିତ

ଭୁବନେଶ୍ୱର,୨୧।୧୧(ପି.ଏନ): ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସମୁଦାୟ ୫୪ କୋଟି ୮୭ ଲକ୍ଷ ୫୦ ହଜାର ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିବା ପରେ ଏହା ଆଲୋଚନା ହୋଇ ପାରିତ ହୋଇଛି। ମାତ୍ର ଏହି ଆଲୋଚନାରେ ବିରାଧୀ କଂଗ୍ରେସ , ସିପିଏମ୍ ଓ ବିଜେପି ଦଳର କୌଣସି ସଦସ୍ୟ ଅଂଶଗ୍ରହଣ କରିନଥିଲେ। ଅନ୍ୟପକ୍ଷରେ ହଟ୍ଟଗୋଳ ସମୟରେ ବାଚସ୍ପତିଙ୍କ ପୋଡିୟମ୍ ରଣକ୍ଷେତ୍ର ରେ ପରିଣତ ହୋଇଥିଲା। ବିରୋଧୀ ଦଳ ସଦସ୍ୟମାନେ ପୋଡିୟମ୍ କୁ ବାଡେଇବା ସହ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଓ ନାଉରୀ ନାୟକ ପୋଡିୟମ୍ ସମ୍ମୁଖରେ ଥିବା ବିଧାନସଭା ସଚିବଙ୍କ ଚେୟାର ଉପରେ ଠିଆ ହୋଇ ବାଚସ୍ପତିଙ୍କ ମାଇକ୍ କୁ ଟାଣିଥିଲେ। ସୁରକ୍ଷାକର୍ମୀ ମାନେ ସେମାନଙ୍କୁ ବିରୋଧ କରୁଥିବାର ଦେଖିବାକୁ ମିଳିଥିଲା। ଶେଷରେ ପୋଡିୟମ୍ ଉପରେ ବସି ନାରାବାଜୀ କରିଥିଲେ । ଗୁରୁବାର ଅପରାହ୍ନ ୩ ଟାରେ ଗୃହର ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହୋଇଥିଲା। ଗୃହ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳ ସଦସ୍ୟମାନେ ପ୍ରଥମାର୍ଦ୍ଧ ବୈଠକ ଭଳି ଧାନ କିଣାରେ ଟୋକନ୍ ବ୍ୟବସ୍ଥାକୁ ବିରୋଧ କରି ହୋହାଲ୍ଲା କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୩ ଟା ୨୪ ରୁ ୪ ଟା ୨୪ ଏକ ଘଂଟା , ୪ଟା ୩୦ରୁ ୫ଟା ଦୁଇ ଥର ଗୃହକୁ ମୁଲତବୀ ରଖିଥିଲେ। ବାଚସ୍ପତି ହଟ୍ଟଗୋଳରୁ ନିବୃତ ରହିବା ପାଇଁ ବାରମ୍ବାର ଅନୁରୋଧ କରି ବିଫଳ ହେବା ପରେ ବାଧ୍ୟ ହୋଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଖର୍ଚ୍ଚ ଦାବି ଆଗତ କରିବା ପାଇଁ ମନ୍ତ୍ରୀ ଶ୍ରୀ ମାରାଣ୍ଡିକୁ ଡାକିଥିଲେ ଏବଂ ସେ ଖର୍ଚ୍ଚଦାବି ଉପସ୍ଥାପନ କରିଥିଲେ। ଖର୍ଚ୍ଚ ଦାବି ଉପରେ ଆଲୋଚନା କରିବାକୁ ବିରୋଧୀ ଦଳ ସଭ୍ୟମାନଙ୍କୁ ଡାକିଥିଲେ। ମାତ୍ରସେମାନେ ଆସନରେ ନଥିବାରୁ ଶାସକ ଦଳ ସଭ୍ୟ ଅନନ୍ତ ଦାସଙ୍କୁ ଡାକିଥିଲେ। ଏହାପରେ ବିଲ୍ ପାରିତ ହୋଇଥିଲା। ବୈଠକ ଆରମ୍ଭରୁବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ ଯେ ପଶ୍ଚିମ ଓଡିଶାରେ ଚାଷୀ ଆନ୍ଦୋଳନ ଚଳାଇଛନ୍ତି। ଚାଷୀ ମାନେ ଧାନ ନେଇ ଆସିଛନ୍ତି ମାତ୍ର ଟୋକନ ପାଇନଥିବାରୁ କିଣା ହୋଇପାରୁନାହିଁ। ସରକାର ଏହାର ବ୍ୟବସ୍ଥା କରନ୍ତୁ ବୋଲି ସେ ଦାବି କରିଥିଲେ । ସେହିପରି କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ ଶ୍ରୀ ପ୍ରଣାଳୀରେ ଚାଷ କରିବାପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏଭଳି କଲେ ହେକ୍ଟର ପିଛା ୪୦ କ୍ୟୁଂଟାଲ ଧାନ ଉତ୍ପାଦନ ହେବ। ସରକାର ମାତ୍ର ୧୩ କ୍ୟୁଂଟାଲ କିଣିଲେ ଅବଶିଷ୍ଟ ଧାନ କିଏ ନେବ? ବାଧ୍ୟହୋଇ ଚାଷୀ ଅଭାବୀ ବିକ୍ରି କରୁଛନ୍ତି। ଲୋୟର ସୁକତେଲ ପ୍ରକଳ୍ପ ବାଇପାସ୍ ନିର୍ମାଣ ସମ୍ପର୍କରେ ଗୃହରେ ବାରମ୍ବାର ଉଠାଯାଇଥିଲେ ମଧ୍ୟ ସରକାର ଗୁରୁତ୍ୱ ଦେଉ ନାହାନ୍ତି। ବଲାଙ୍ଗୀରରେ ଭୂତଳ ଜଳ ହ୍ରାସ ପାଉଛି। ଚାଷୀମାନେ ଦୁଇଦିନ ବଲାଙ୍ଗୀର ବନ୍ଦ କରିଛନ୍ତି। ଗତକାଲି ଏପ୍ରସଙ୍ଗ ଗୃହରେ ଉଠାଇଥିଲେ। ଆମେ ଗୃହରେ ଯାହା ପ୍ରସ୍ତାବ ଦେଉଛୁ ତାହା ଉପରେ ନା ସରକାର ଗୁରୁତ୍ୱ ଦେଉଛନ୍ତି ନା ଅଫିସର ଟିପୁଛନ୍ତି। ୪ ହଜାର କୋଟି ଟଙ୍କାର ଜମି ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲି। ତାହା ଉପରେ କୌଣସି କାର୍ଯ୍ୟ ହେଲା ନାହିଁ। ଯାଜପୁର ଭିଏଲଡବ୍ଲୁ ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଶୂନ। ସର୍ବ ଦଳୀୟ ବୈଠକ ରେ ଆଲୋଚନା ସତ୍ତ୍ୱେ କିଛି ଲାଭ ହେଲା ନାହିଁ ବୋଲି ଶ୍ରୀ ମିଶ୍ର ଉଦବେଗ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ଉତର ପରେ ଅପରାହ୍ନ ୫ଟା ୬ ରେ ବାଚସ୍ପତି ଗୃହ ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।



ଖାରବେଳ ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ଇ-ଗଭ ଫାଉଣ୍ଡେସନ ଜନଗ୍ରହ - ଆଇଏଚସିଏନଏଫ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

## ୩୬ ବ୍ଲକ୍ ରେ ଖୋଲିବ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର,୨୧।୧୧(ପି.ଏନ): ଭୁବନେଶ୍ୱର ସମେତ ରାଜ୍ୟର ୩୬ଟି ବ୍ଲକ୍ ରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଆଦର୍ଶ ବିଦ୍ୟାଳୟ ଗଭର୍ଣ୍ଣିଂ ବଡି ବୈଠକରେ ଏହି ନିଷ୍ପତି ନିଆଯାଇଛି। ୨୦୨୦ ମାର୍ଚ୍ଚ ମାସରୁ ଏହି ସବୁ ବିଦ୍ୟାଳୟରେ ପାଠ ପଢା ଆରମ୍ଭ ହେବ। ପୂର୍ବରୁ ୨୧୪ ଟି ଆଦର୍ଶ ବିଦ୍ୟାଳୟ ସ୍ଥାପିତ ହୋଇସାରିଛି।

## ଦାୟିତ୍ୱ ନେଲେ ଅନ୍ତରୀଣ ଡିଜିପି ସତ୍ୟଜିତ୍ ମହାନ୍ତି

ଭୁବନେଶ୍ୱର,୨୧।୧୧(ପିଏନ):ଆଇପିଏସ୍ ଅଧିକାରୀ ସତ୍ୟଜିତ୍ ମହାନ୍ତି ରାଜ୍ୟର ଅନ୍ତରୀଣ ପୋଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ଦିନ କଟକସ୍ଥିତ ପୋଲିସ୍ ମୁଖ୍ୟାଳୟରେ ପହଂଚି ସେ ବିଧିବଦ୍ଧ ଭାବେ ଦାୟିତ୍ୱ ନେଇଛନ୍ତି। ସେଠାରେ ତାଙ୍କୁ ସ୍ୱାଗତ କରାଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟ ସରକାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ କୃତଜ୍ଞ। ରାଜ୍ୟରେ ଆଇନ୍ ଶୃଙ୍ଖଳା କିପରି ଠିକ୍ ରହିବ ସେନେଇ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ। ଏଥିସହ ସମସ୍ତ ଅଧିକାରୀଙ୍କୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରିବେ। ନୂଆ ଡିଜିପି ଅଭୟ ଦାୟିତ୍ୱ ନେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ଉଲ୍ଲେଖଯୋଗ୍ୟ ଯେ, ଅଗ୍ନି ନିରାପତା ପ୍ରମାଣପତ୍ର ପ୍ରଦାନରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଡିଜିପି ଦାୟିତ୍ୱ ଓ ଅଗ୍ନିଶମ ବିଭାଗ ଡିଜି ପଦରୁ ବିଜୟ କୁମାର ଶର୍ମାଙ୍କୁ ଗତକାଲି ହଟାଯାଇଥିଲା। ଏହାସହ ରାଜ୍ୟ ସରକାର ଏହି ମାମଲାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ସେଥିରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଗୃହ ସଚିବ ସଦସ୍ୟ ଅଛନ୍ତି। ତାଙ୍କ ସ୍ଥାନରେ ୧୯୮୬ ବ୍ୟାଚର ଆଇପିଏସ ଅଫିସର ଅଭୟଙ୍କୁ ରାଜ୍ୟର ନୂଆ ପୋଲିସ୍ ଡିଜି ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ସେ ଦାୟିତ୍ୱ ନେବା ପର୍ଯ୍ୟନ୍ତ ଶ୍ରୀ ମହାନ୍ତି ମଧ୍ୟବର୍ତୀକାଳୀନ ଦାୟିତ୍ୱରେ ରହିବେ। ୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି ଗୁଇନ୍ଦା ବିଭାଗର ସ୍ୱତନ୍ତ୍ର ଡିଜି, ଜେଲ୍ ଡିଜି ଏବଂ ଟ୍ୱିନ୍ ସିଟି ପୋଲିସ୍ କମିଶନର ଭାବେ ଦାୟିତ୍ୱ ସମ୍ଭାଳି ନିଜ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି।

## ଓଡିଶାରେ ଅଛି ୨୨ ଲକ୍ଷ ପୁରୁଣା ଗାଡି

ଭୁବନେଶ୍ୱର,୨୨୧।୧୧(ପି.ଏନ): ରାଜ୍ୟରେ ୨୨, ୯,୫୭୩ଟି ୧୫ ବର୍ଷରୁ ଅଧିକ ପୁରୁଣା ଗାଡି ରହିଛି। ଏଥିମଧ୍ୟରୁ ୧୧ ,୪୩,୦୨୬ଟି ଗାଡି ଚଳାଚଳ କରୁଛି। ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସଭ୍ୟ ମୋହନ ମାଝୀଙ୍କ ପ୍ରଶ୍ନର ଉତରରେ ଏହା ପ୍ରକାଶ କରିଛନ୍ତି। ଅପରପକ୍ଷରେ ୪ ବର୍ଷରେ ରାଜ୍ୟରେ ସଡକ ଦୁର୍ଘଟଣାରେ ୧୮,୬୮୩ ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୫-୧୬ରେ ୧୦,୫୩୨ ଦୁର୍ଘଟଣା ଘଟିଥିବା ବେଳେ ୪,୪୬୩ ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୬-୧୭ରେ ୧୦,୮୫୮ ଦୁର୍ଘଟଣାରେ ୪,୭୯୦ ଲୋକ ମୃତ୍ୟୁ ବରଣ କରିଛନ୍ତି। ୨୦୧୮ରେ ୧୧,୨୬୨ ଦୁର୍ଘଟଣାରେ ୫,୩୧୫ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ୨୦୧୯ ସେପ୍ଟେମ୍ବର ମାସସୁଦ୍ଧା ୮,୨୦୩ ଦୁର୍ଘଟଣାରେ ୪,୧୧୫ ଜଣ ମୃତ୍ୟୁବରଣ କରିସାରିଲେଣି।

## ବିଜେପିରେ ସାମିଲ ହେଲେ ପାଟଣାଗଡର ବିଜେଡି ନେତା

ଭୁବନେଶ୍ୱର,୨୧।୧୧(ପିଏନ):ବଲାଙ୍ଗୀର ଜିଲ୍ଲା ପାଟଣାଗଡ ବିଧାନସଭାର ବିଜେଡି ଦଳର ପ୍ରମୁଖ ନେତୃବୃନ୍ଦମାନେ ଆଜି ବିଜେପିରେ ଯୋଗ ଦେଇଛନ୍ତି । ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଉପସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ରଙ୍କ ଉପସ୍ଥିତିରେ ବଲାଙ୍ଗୀର ଜିଲ୍ଲା ବିଜେଡି ସଂପାଦକ ପ୍ରଦୀପ ପୁରୋହିତ, ପାଟଣାଗଡ ବ୍ଲକ ଯୁବ ସଭାପତି ଆଲୋକ କୁମାର ପାଣିଗ୍ରାହୀ, ପାଟଣାଗଡ ଜିଲ୍ଲା ପରିଷଦ ପ୍ରାର୍ଥୀ ସ୍ମିତିପଜ୍ଞା ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଅଇଁଠୁ ସାହୁଙ୍କ ପୁଅ ମାଣିକ୍ୟ ସାହୁ, ପାଟଣାଗଡ ଏନଏସିର ପୂର୍ବତନ କାଉନସିଲର ସନ୍ତୋଷ ମେହେର ବିଜେପିରେ ସାମିଲ ହୋଇଛନ୍ତି।

## ଟୋକନ ବ୍ୟବସ୍ଥାକୁ ବିରୋଧ : ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନବୀନ ନିବାସ ଘେରାଉ

ଭୁବନେଶ୍ୱର,୨୧।୧୧(ପି.ଏନ): ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ୍ ବ୍ୟବସ୍ଥାକୁ ବିରୋଧ କରି ଗୁରୁବାର ରାଜଧାନୀ ରାଜରାସ୍ତାରେ ଗର୍ଜିଛନ୍ତି ଚାଷୀ। ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଟୋକନ୍ ବ୍ୟବସ୍ଥା ପ୍ରତ୍ୟାହାର ଦାବିରେ ଲୋୟର ପିଏମଜି ଠାରେ ବିଶାଳ ଚାଷୀ ସମାବେଶ ହୋଇଥିଲା। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ଚାଷୀ ମାନେ ଏକ ରାଲି କରି ନବୀନ ନିବାସ ଅଭିମୁଖେ ଯାଇଥିଲେ। ତେବେ ଶିଶୁ ଭବନ ଛକରେ ପୋଲିସ୍ ଆନ୍ଦୋଳନକାରୀ ଚାଷୀଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ୍ ଓ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ୍ ଚାଷୀ ନେତା ଅକ୍ଷୟ କୁମାର ଓ ଶେଷଦେବ ନନ୍ଦଙ୍କ ସମେତ ବହୁ ସଂଖ୍ୟାରେ ଚାଷୀଙ୍କୁ ଅଟକ ରଖିଛି। ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ଆବାହକ ଅକ୍ଷୟ କୁମାର କହିଛନ୍ତି ପଶ୍ଚିମ ଓଡ଼ିଶାର ଚାଷୀମାନେ ଟୋକନ୍ ପ୍ରତ୍ୟାହାର ପାଇଁ ଆନ୍ଦୋଳନ କରୁଛନ୍ତି।

# ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବାରେ ଜୈବ ଉର୍ଜା ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୧।୧୧(ପି.ଏନ): ଭାରତକୁ ଗ୍ୟାସ ଆଧାରିତ ଅର୍ଥନୀତି କରିବା ପାଇଁ ଆମେ ଉଦ୍ୟମ ଜାରୀ ରଖିଥିବା ବେଳେ ଜୈବ ଉର୍ଜା ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବିଶ୍ୱ ଜୈବ-ଭାରତ ୨୦୧୯ ସମ୍ମିଳନୀର ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଦେଶର ନୂଆ ଜୈବ ଉର୍ଜା ନୀତି ଦେଶର ଅନ୍ନଦାତା କୃଷକଙ୍କୁ ଉର୍ଜାଦାତା କରିବା ପାଇଁ ବିଧିବଦ୍ଧ ଯୋଜନା କ୍ରିୟାନ୍ୱିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଜୈବ ଅର୍ଥନୀତିର ବିକାଶ ପାଇଁ ଭାରତ ପାଖରେ ଅପାର ସମ୍ଭାବନା ଅଛି । ଟେକ୍ନୋଲୋଜି ଏବଂ ଦେଶର ଭୌଗଳିକ ସ୍ଥିତି ଏହି କ୍ଷେତ୍ରକୁ ବିକାଶିତ କରିବା ପାଇଁ ଯଥେଷ୍ଟ ସମ୍ଭାବନା ରଖିଛି । ନୂଆ ଯନ୍ତ୍ରପାତି ସାହାଯ୍ୟରେ ବର୍ଜ୍ୟ ବାୟୋମାସକୁ ରୂପାନ୍ତରିତ କରି ଜୈବଇନ୍ଧନ ବାହାର କରିବା ଦିଗରେ ଆମେ କାମ କରୁଅଛୁ। ସେ କହିଛନ୍ତି ଯେ ପେଟ୍ରୋଲିୟମ ମନ୍ତ୍ରାଳୟ ୩୦୦ କୋଟିର ଷ୍ଟାର୍ଟ-ଅପ୍ ଫଣ୍ଡ ପ୍ରତିଷ୍ଠା କରିଛି । ୨୦୨୪ ସୁଦ୍ଧା ୧୦୦ ବିଲିୟନ ଡଲାର ଜୈବ ଅର୍ଥନୀତି ବନାଇବାରେ ଯେଉଁ ଲକ୍ଷ୍ୟ ରହିଛି ତାହା ଭାରତ ପାଇଁ କମ୍ "। ଜୈବ ଇନ୍ଧନ ଶିଳ୍ପକୁ ଏକ ନୂଆ ମଡେଲ ଦେବାରେ ଭାରତର ଅଧିକ କ୍ଷମତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଭାରତର ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିର୍ଗମନ ବିଶ୍ୱର ହାରାହାରି ହାର ଠାରୁ କମ୍ ରହିଛି ଏବଂ ଏହାକୁ ଆହୁରି କମ୍ କରିବା ପାଇଁ ଜୈବଇନ୍ଧନ ଉପଯୁକ୍ତ ମାଧ୍ୟମ। ତୈଳ ଆମଦାନୀକୁ ହ୍ରାସ କରିବାରେ ମଧ୍ୟ ଜୈବଇନ୍ଧନ ଏକ ଭଲ ମାଧ୍ୟମ ବୋଲି ସେ କହିଛନ୍ତି।




# ଭୁବନେଶ୍ୱର- ରାସ୍-ଅଲ୍-ଖଇମା ସିଧାସଳଖ ବିମାନ ସେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

ଭୁବନେଶ୍ୱର, ୨୧।୧୧(ପି.ଏନ): ଭୁବନେଶ୍ୱର ଓ ୟୁଏଇ ସ୍ଥିତ ରାସ୍-ଅଲ୍-ଖଇମା ସହର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭୁବନେଶ୍ୱର ବିମାନବନ୍ଦର ଅନ୍ତର୍ଜାତୀୟ ବିମାନବନ୍ଦର ଭାବେ ପରିଚାଳିତ ହେବା ପରେ ୨୦୧୫ରୁ ଏଠାକୁ ବିଦେଶୀ ଯାତ୍ରୀ ତଥା ପର୍ଯ୍ୟଟକ ଏବଂ ଏନ୍ଆର୍ଆଇଙ୍କ ସଂଖ୍ୟା ବଢିଛି । ଭୁବନେଶ୍ୱରରୁ ୟୁଏଇ ସ୍ଥିତ ରାସ୍-ଅଲ୍-ଖଇମା ସହର ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ଓଡିଆ ଏନଆରଆଇ ଏବଂ ମଧ୍ୟ-ପ୍ରାଚ୍ୟ ଦେଶ ଗୁଡିକରେ କାମ କରୁଥିବା ଓଡିଆ ଲୋକଙ୍କ ଦୀର୍ଘ ଦିନରୁ ଦାବୀ ରହିଛି । ଏହି ବ୍ୟବସ୍ଥା ହେଲେ ବିଶେଷ ଭାବରେ ଆବୁଧାବୀ, ଦୁବାଇ, ଶାରଜାହ, ରିଆଦ୍, ବାହରେନ୍ ଏବଂ ଅନ୍ୟାନ୍ୟ ଉପସାଗରୀୟ ଦେଶ ଗୁଡିକରେ କାମ କରୁଥିବା ଅଧିକ ସଂଖ୍ୟକ ଓଡିଆ ଲୋକ ଉପକୃତ ହେବେ। ବର୍ତ୍ତମାନ ଏୟାର ଏସିଆ ଦ୍ୱାରା ପରିଚାଳିତ ହେଉଥିବା ଏକମାତ୍ର ଅନ୍ତର୍ଜାତୀୟ ବିମାନ ସିଧାସଳଖ ଭୁବନେଶ୍ୱରରୁ ମ୍ୟାଲେସିଆର କୁଆଲା ଲୁମପୁର ପର୍ଯ୍ୟନ୍ତ ଚଳାଚଳ କରୁଛି । ସଂପ୍ରତି ଭୁବନେଶ୍ୱର ବିମାନ ବନ୍ଦର ଦେଶର ଦ୍ରୁତ ଗତିରେ ବଢୁଥିବା ବିମାନବନ୍ଦର ମଧ୍ୟରୁ ଅନ୍ୟତମ । ୨୦୧୭-୧୮ରେ ଯାତ୍ରୀ ହାର ୪୧ ପ୍ରତିଶତ ବୃଦ୍ଧି ପାଇ ୩୨ ଲକ୍ଷରୁ ଉର୍ଦ୍ଧ୍ୱରେ ପହଁଚିଛି। ଯାତ୍ରୀ ସୁବିଧା ଏବଂ ବିମାନବନ୍ଦର ସଂପ୍ରସାରଣ ପ୍ରକଳ୍ପ ବର୍ତ୍ତମାନ କାର୍ଯ୍ୟାଧୀନ ଥିବାବେଳେ ଆଗାମୀ ଦିନରେ ଏହି ସୁବିଧା ଭୁବନେଶ୍ୱର ବିମାନବନ୍ଦରର ବିମାନ ସେବାକୁ ଗତି ଦେବ । ଶ୍ରୀ ପ୍ରଧାନ ପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ତାଙ୍କର ସୂଚନାନୁସାରେ ରାସ୍-ଅଲ୍-ଖଇମାରେ ନୂଆବିମାନ ସେବା ପାଇଁ ସ୍ପାଇଶ ଜେଟ୍ ଏବଂ ୟୁଏଇ ମଧ୍ୟରେ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରରୁ ରାସ୍-ଅଲ୍-ଖଇମା ମଧ୍ୟରେ ସଂଯୋଗ ପାଇଁ ସ୍ପାଇଶ ଜେଟକୁ ମଧ୍ୟ ସୁପାରିଶ କରିବା ପାଇଁଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି । ଓଡିଶା ଲୋକଙ୍କର ସୁବିଧାକୁ ଧ୍ୟାନରେ ରଖି ଭୁବନେଶ୍ୱର ଓ ୟୁଏଇ ସ୍ଥିତ ରାସ୍-ଅଲ୍-ଖଇମା ମଧ୍ୟରେ ଖୁବ ଶୀଘ୍ର ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଶ୍ରୀ ପୁରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ପ୍ରସ୍ତାବିତ ବିମାନ ସେବା ଭାରତ ଏବଂ ୟୁଏଇର ସମ୍ପର୍କକୁ ମଜବୁତ୍ କରିବ ଏବଂ ଦୁଇ ଦେଶର ବ୍ୟବସାୟକୁ ମଧ୍ୟ ବଢାଇବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଓଡ଼ିଶାକୁ ବର୍ଷକୁ ହାରାହାରି ୧ଲକ୍ଷରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି

ଭୁବନେଶ୍ୱର, ୨୧।୧୧(ପି.ଏନ): ଓଡ଼ିଶାରେ ବର୍ଷକୁ ହାରାହାରି ୧ଲକ୍ଷରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି ବୋଲି ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ମୋହନଚରଣ ମାଝୀଙ୍କ ପର୍ଯ୍ୟଟକଙ୍କ ସଂଖ୍ୟା ସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି ଯେ, ଓଡ଼ିଶାରେ ବର୍ଷକୁ ହାରାହାରି ୧ କୋଟିରୁ ଉର୍ଦ୍ଧ୍ୱ ଭାରତୀୟ ଓ ୧ଲକ୍ଷରୁ ଅଧିକ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ୨୦୧୮-୧୯ରେ ଏହି ବିଭାଗ ଦ୍ୱାରା କରାଯାଇଥିବା ଏକ ସର୍ଭେର ଆକଳନ ଯୋଗୁଁ ୯୨ ପ୍ରତିଶତ ପର୍ଯ୍ୟଟକ ହେଉଛନ୍ତି ଧାର୍ମିକ। ଜାନୁଆରୀ ୧, ୨୦୧୯ ତାରିଖ ସୁଦ୍ଧା ରାଜ୍ୟରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୬ଗୋଟି ତାରକା ହୋଟେଲ, ୧୮୭୯ ଗୋଟି ଉଚ୍ଚମାନର ତଥା ବଜେଟ୍ ହୋଟେଲ/ମୋଟେଲ, ରାଜ୍ୟ ପର୍ଯ୍ୟଟନ ନିଗମର ୨୧ଟି ପାନ୍ଥ ନିବାସର ସୁବିଧା ରହିଛି। ମୋଟ ୭୯ ହଜାର ୯୧୭ ସଂଖ୍ୟାକ ରୁମ୍, ୭୯ ହଜାର ୯୭୮ ସଂଖ୍ୟକ ପର୍ଯ୍ୟଟକଙ୍କ ପାଇଁ ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ଏହି ଉତର ଉପରେ ମତ ରଖି ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବଂ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଭିତିଭୂମି ଥିବାବେଳେ ଏହାର ବିକାଶ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିପାରିନାହାନ୍ତି। ଅଧିକ ସଂଖ୍ୟକ ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରିବା ଓ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକ ଯେପରି ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

## ଡିଜିଙ୍କ ବିରୁଦ୍ଧରେ ତଦନ୍ତ ଡ୍ରାମା :କଂଗ୍ରେସ

ଭୁବନେଶ୍ୱର,୨୧।୧୧(ପି.ଏନ): ବିଭିନ୍ନ ସମୟରେ ନବୀନ ପଟ୍ଟନାୟକଙ୍କ ସରକାର ଡି.ଜି. ପୋଲିସମାନଙ୍କ ବିରୁଦ୍ଧରେ ଚଳାଉଥିବା ତଦନ୍ତ କେବଳ ଲୋକ ଦେଖାଣିଆ। ଏସବୁ ତଦନ୍ତ ଡ୍ରାମା ପଛରେ ରହିଛି ବିରାଟ ପ୍ରଶାସନିକ ଷଡଯନ୍ତ୍ର। ନିଜର ମନ୍ଦ ଅଭିପ୍ରାୟ କୁଆଡେ ପଦାରେ ପଡିଯିବ, ସେଥିରୁ ଦୃଷ୍ଟି ହଟାଇବା ପାଇଁ ବିଭିନ୍ନ ଅଭିଯୋଗ ଦେଖାଇ ତଦନ୍ତ ନିର୍ଦ୍ଦେଶ ଦେବା ରାଜ୍ୟ ସରକାରଙ୍କ ଏକ ପ୍ରକାର ଧାରାବାହିକ କାର୍ଯ୍ୟ ହୋଇଗଲାଣି। ବରିଷ୍ଠ ପୋଲିସ ଅଧିକାରୀ ବି.କେ. ଶର୍ମାଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ଅଛି ଦର୍ଶାଇ ତାହାର ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଏହା କେବଳ ବାହାବା ଓ ଲୋକଦେଖାଣିଆ। ସଂପ୍ରତି ସରକାରଙ୍କ ବିରୁଦ୍ଧରେ ଉଠିଥିବା ବଡ ବଡ ବିବାଦ ଯଥା ସ୍ମିତାରାଣୀ ବିଶ୍ୱାଳ ହତ୍ୟାକାଣ୍ଡ, କାଳିଆ ଟଙ୍କା ହେରଫେର, ଧାନକିଣାରେ ବିଫଳତା ଆଦି ପ୍ରସଙ୍ଗରୁ ନଜର ହଟାଇବା ପାଇଁ ନବୀନ ବାବୁଙ୍କର ଏହା ଏକ ଚାଲ ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି। ଯଦି ନବୀନ ବାବୁଙ୍କର ବାସ୍ତବରେ ଏହି ତଦନ୍ତର ଉଦ୍ଦେଶ୍ୟ ଶର୍ମାବାବୁଙ୍କର କାରନାମା ଉପରେ କାର୍ଯ୍ୟାନୁଷ୍ଠାନ ନେବା, ତାହେଲେ ତୁରନ୍ତ ପୂର୍ବତନ ଡି.ଜି. ପୋଲିସ ସଂଜିବ ମାରିକ୍‌ଙ୍କ ବିରୁଦ୍ଧରେ ହୋଇଥିବା ଲୋକପାଳ ରିପୋର୍ଟର ଖୁଲାସା କରନ୍ତୁ। କାହିଁକି ମାରିକ୍‌ଙ୍କ ବିରୁଦ୍ଧରେ ହୋଇଥିବା ଲୋକପାଳ ରିପୋର୍ଟକୁ ଗାଏବ କରାଗଲା, ତା'ର ତଥ୍ୟ ରଖନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସତ୍ୟ ପ୍ରକାଶ ନାୟକଙ୍କ ପକ୍ଷରୁ ଦାବି କରାଯାଇଛି। ଯଦି ସତ୍‌ସାହସ ଅଛି ତେବେ ନବୀନ ବାବୁ ସ୍ପଷ୍ଟ କରନ୍ତୁ, ୩ୟ ମହଲା ଏବଂ ସାଧାରଣ ପ୍ରଶାସନ ବିଭାଗରେ କିଏ ସେ ବ୍ୟକ୍ତି ମାରିକ୍ ଲୋକପାଳ ରିପୋର୍ଟକୁ ଗାଏବ କରିକି ନେଇଛି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ବିଗତ ୧୧ ବର୍ଷ ହେଲା ରାଜ୍ୟ ସରକାର କହି ଆସୁଛନ୍ତି ଯେ ମାରିକ୍‌ଙ୍କ ବିରୋଧରେ ହୋଇଥିବା ଲୋକପାଳ ତଦନ୍ତ କମିଶନର ରିପୋର୍ଟ ସରକାରଙ୍କ ପାଖରେ ନାହିଁ, ଏହା ରାଜ୍ୟପାଳଙ୍କ ପାଖରେ ଅଛି। ଗତ ସେପ୍ଟେମ୍ବର ୧୮ ତାରିଖ ଦିନ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଚିଠିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯେ ଗତ ୫ ଏପ୍ରିଲ୍ ୨୦୦୮ ରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଲୋକପାଳ ରିପୋର୍ଟର ମୂଳ ରିପୋର୍ଟକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କୁ ଏବଂ ରିପୋର୍ଟର ଏକ କପିକୁ ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ସଚିବଙ୍କୁ ପ୍ରଦାନ କରି ଦିଆଯାଇଛି। ଅର୍ଥାତ୍ ୧୧ ବର୍ଷ ହେଲା ରିପୋର୍ଟ ନବୀନ ବାବୁଙ୍କ କାର୍ଯ୍ୟାଳୟରେ ରହିଛି। ଯାହାକୁ ସର୍ବସାଧାରଣ ନକରି ନବୀନ ବାବୁ କେବଳ ମାରିକ୍ ବାବୁଙ୍କୁ ଖସାଇଲେ ନାହିଁ, ୧୧ ବର୍ଷ ହେଲା ରାଜ୍ୟ ବାସୀଙ୍କୁ ଧୋକା ଦେଇ ଆସୁଛନ୍ତି ଶ୍ରୀ ନାୟକ କହିଛନ୍ତି। ୫-ଟି ର ବାହାବା ନେଉଥିବା ନବୀନ ବାବୁଙ୍କର ଯଦି ସତ୍‌ସାହସ ଅଛି, ତା'ହେଲେ ମାରିକ୍ ଲୋକପାଳ ରିପୋର୍ଟର ଖୁଲାସା କରନ୍ତୁ ବା ରିପୋର୍ଟକୁ ଯିଏ ଗାଏବ୍ କରିଛି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ପମୁଖ୍ୟମନ୍ତ୍ରୀଙ୍କ ଜାଣତରେ ଓ ତାଙ୍କ ଇସାରାରେ ଏ ରିପୋର୍ଟକୁ ଗାଏବ କରି ଦିଆଯାଇଛି। ତା' ନହେଲେ ରିପୋର୍ଟ ଚୋରି ନେଇ ନା ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ କାହା ବିରୋଧରେ ପୋଲିସରେ ଏଫ୍ଆଇଆର ହୋଇଛି ବା ଦାୟିତ୍ୱରେ ଅବହେଳା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ନିଆଯାଇନାହିଁ ବୋଲି ସତ୍ୟ ପ୍ରକାଶ ନାୟକ ଗୁରୁତର ଅଭିଯୋଗ ଆଣିଛନ୍ତି।

# ବିଧାନସଭାରେ ଚାଷୀ ତାତି : ଧାନ କିଣା ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀଙ୍କ ହଙ୍ଗାମା

ଭୁବନେଶ୍ୱର,୨୧।୧୧(ପି.ଏନ): ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସର ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୁରୁବାର ଗୃହର ପ୍ରଥମାର୍ଦ୍ଧ ବୈଠକରେ କୌଣସି କାର୍ଯ୍ୟକ୍ରମ ହୋଇପାରିନଥିଲା। ମାତ୍ର ୨ ମିନିଟ୍ ପାଇଁ ଗୃହର ବୈଠକ ଚାଲିଥିଲା। ପ୍ରଥମାର୍ଦ୍ଧ ବୈଠକରେ ହେବାକୁ ଥିବା ପ୍ରଶ୍ନୋତର କାର୍ଯ୍ୟକ୍ରମ , ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇପାରିନଥିଲା। ଗୃହରେ ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଗୃହକୁ ୩ ଥର ମୁଲତବୀ ରଖିଥିବା ବେଳେ ଉପବାଚସ୍ପତି ରଜନୀକାନ୍ତ ସିଂହ ଥରେ ମୁଲତବୀ ରଖିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ବିଧାନସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଗଲାବେଳେ କଂଗ୍ରେସ ଦଳର ସଦସ୍ୟମାନେ ପ୍ରଥମେ ଧାନ ର ଅଭାବୀ ବିକ୍ରି ,ଟୋକନ୍ ପ୍ରତ୍ୟାହାର ଓ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ନାରାବାଜୀ କରିଥିଲେ । ବାଚସ୍ପତି ଏଥିପ୍ରତି ଗୁରୁତ୍ୱ ନଦେଇ ପ୍ରଶ୍ନୋତର କାର୍ଯ୍ୟକ୍ରମ ଚାଲୁ ରଖି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଉତର ରଖିବାକୁ ଡାକିଥିଲେ । ତାଙ୍କ ଉତର ଚାଲିଥିବା ବେଳେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟ ମାନେ ଗୃହର ମଧ୍ୟ ଭାଗକୁ ଯାଇ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ। ସେମାନେ ନାରାବାଜୀ କରିଥିଲେ । ବାଚସ୍ପତିଙ୍କ ପୋଡିୟମ୍ ବାଡେଇଥିଲେ। ହଟ୍ଟଗୋଳ କମ ନ ହେବାର ଦେଖି ବାଚସ୍ପତି ଶ୍ରୀ ପାତ୍ର ପ୍ରଥମେ ଗୃହକୁ ପୂର୍ବାହ୍ନ୧୦.୩୧ରୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଏହା ଫଳରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା । ୧୧.୩୦ରେ ପୁଣି ଥରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି, କଂଗ୍ରେସ ସମେତ ସିପିଏମର ବିଧାୟକ ମଧ୍ୟ ଚାଷୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଏହି ତିନି ଦଳର ବିଧାୟକ ମାନେ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଉଥିବାର ଦେଖା ଯାଇଥିଲା । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଚାଷୀ ମାନଙ୍କର ସ୍ୱାର୍ଥର ସୁରକ୍ଷା ଆମର ଦାବି, ଚାଷୀଙ୍କ ଅଭାବୀ ଧାନ ବିକ୍ରୀ ବନ୍ଦ କରିବା ଆମର ଦାବି ବୋଲି ନାରାବାଜୀ କରିଥିଲେ। ହଟ୍ଟଗୋଳ ବନ୍ଦ ନହେବାରୁ ବାଚସ୍ପତି ପୁଣିଥରେ ୧୧.୩୧ରୁ ୧୨.୩୦ ଯାଏ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ପରିସ୍ଥିତିରେ ଉନ୍ନତି ନଘଟିବାରୁ ଉପବାଚସ୍ପତି ୧୨ ଟା ୩୦ରୁ ୧୨ ଟା ୪୦ ୧୦ ମିନିଟ୍ ପାଇଁ ମୁଲତବୀ ରଖିଥିଲେ । ପରେ ବାଚସ୍ପତି ୧୨ ଟା ୪୦ରୁ ୩ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।









# ଟି ଟାଇମ୍

# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଲ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟୋନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଉ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଉ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଉ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଉ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଉ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଉ କରିଥିଲେ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଥତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଉ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୧୯, ନଭେମ୍ବର ୨୨**

# ରାଜନୈତିକ ଚାନ୍ଦାର ସର୍ବାଧିକ ସୀମା !

୨୦୧୭-୧୮ ଆର୍ଥିକ ବର୍ଷ ଆରମ୍ଭର ଅବ୍ୟବହିତ ପୂର୍ବରୁ ବିତ୍ତ ବିଧେୟକ ୨୦୧୭ରେ ସଂଶୋଧନ କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ କରାଯିବା ବର୍ତ୍ତମାନର ସରକାରଙ୍କ ମତିଗତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠୁ ବଡ଼ ପ୍ରଶ୍ନ ଉଠିଛି ରାଜନୈତିକ ଚାନ୍ଦା ନେଇ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଟିକୁ ଲୋକସଭାରେ ମଞ୍ଜୁରୀ ମିଳିଯାଇଛି ଓ ରାଜ୍ୟସଭାର ମଞ୍ଜୁରୀ ଆବଶ୍ୟକ ନାହିଁ, କାରଣ ଏହାକୁ ବିତ୍ତ ବିଧେୟକ ଭାବେ ଉପସ୍ଥାପନ କରାଯାଇଛି। ନୂଆ ନିୟମର କେତେକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନ କମ୍ପାନୀଗୁଡ଼ିକ ବିଭିନ୍ନ ରାଜନୈତିକ ଦଳକୁ ଅସୀମିତ ଚାନ୍ଦା ଦେଇପାରିବେ। ଆଗରୁ ଏହାର ସର୍ବାଧିକ ସୀମା ନିର୍ଦ୍ଧାରଣ କରାଯାଇଥିଲା। କୌଣସି କମ୍ପାନୀ ତିନିବର୍ଷର ନିଜର ପ୍ରକୃତ ଲାଭର ସାଢ଼େ ୭ ଶତାଂଶରୁ ଅଧିକ ଅର୍ଥ ରାଜନୈତିକ ଦଳଙ୍କୁ ଚାନ୍ଦା ଭାବେ ଦେଇପାରୁ ନଥିଲେ। ଏପରି ଏକ ନିୟମ କରାଯିବାର ଉଦ୍ଦେଶ୍ୟ ଥିଲା ଆମ ସଂସଦୀୟ ପଦ୍ଧତିକୁ ଧନବଳର ପଞ୍ଝାରୁ ମୁକ୍ତ ରଖିବା। ମାତ୍ର ବର୍ତ୍ତମାନ ତାହା ସମ୍ଭବ ହେବ ନାହିଁ। କମ୍ପାନୀ ନିଜ ଇଚ୍ଛାନୁସାରେ ରାଜନୈତିକ ଦଳଙ୍କୁ ଚାନ୍ଦା ଦେଇପାରିବେ। ଏଥିପାଇଁ ସରକାର ୨୦୧୩ କମ୍ପାନୀ ଆଇନରେ ସଂଶୋଧନ କରିବାକୁ ପଛାଇନାହାନ୍ତି। ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏଭଳି ସଂଶୋଧନ ନେଇ ଯେଉଁ ଯୁକ୍ତି ବାଢ଼ିଛନ୍ତି, ତାହା ଅର୍ଥହୀନ ମନେହୁଏ। ତାଙ୍କ ଅନୁସାରେ ରାଜନୈତିକ ଚାନ୍ଦାର ସର୍ବାଧିକ ସୀମା ହଟାଯିବା ଦ୍ୱାରା ନିର୍ବାଚନରେ ଅଣହିସାବୀ ଅର୍ଥର ବ୍ୟବହାର କମ ହେବ। କମ୍ପାନୀଗୁଡ଼ିକ ଚେକ୍, ଡିଜିଟାଲ ମାଧ୍ୟମ ବା ଇଲେକ୍ଟୋରାଲ୍ ବଣ୍ଡ୍ ହିସାବରେ ଚାନ୍ଦା ଦେବେ; ମାତ୍ର ଏଥିରେ ରାଜନୈତିକ ଦଳଗୁଡ଼ିକର ସ୍ୱଚ୍ଛତା ବା ପାରଦର୍ଶିତା କିଭଳି ଆସିବ, ତାହା ଅର୍ଥମନ୍ତ୍ରୀ ବୁଝାଇ ପାରିନାହାନ୍ତି; କାରଣ କେଉଁ ରାଜନୈତିକ ଦଳ ବା ନେତାଙ୍କୁ ଚାନ୍ଦା ଦେଇଛନ୍ତି ଏବେ କମ୍ପାନୀଗୁଡ଼ିକୁ ତାହା କହିବା ବାଧ୍ୟତାମୂଳକ ହେବନାହିଁ। ଏପରିକି ସେମାନଙ୍କ ହିସାବକିତାବ (ବାଲାନ୍ସ ସିଟ୍)ରେ ମଧ୍ୟ କାହାର ନାମ ଦର୍ଶାଇବାର ଆବଶ୍ୟକତା ନାହିଁ। ପୂର୍ବରୁ କମ୍ପାନୀ ଆଇନ ଅନୁସାରେ କମ୍ପାନୀର ହିସାବକିତାବରେ ଚାନ୍ଦା ଗ୍ରହଣ କରୁଥିବା ଦଳ ବା ନେତାଙ୍କର ନାମ ଉଲ୍ଲେଖ କରିବାର ବ୍ୟବସ୍ଥା ରହିଥିଲା। ବର୍ତ୍ତମାନ ଏହାକୁ ବଦଳାଇ ଦିଆଯିବ ବା ହଟାଇ ଦିଆଯିବ। ବିସ୍ମୟର କଥା ଯେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫେବୃଆରୀ ୧ରେ ପ୍ରଦାନ କରିଥିବା ତାଙ୍କ ବଜେଟ୍ ଭାଷଣରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ପରିବର୍ତ୍ତନ ହୋଇଥିଲେ ହେଁ ଏ ସମ୍ବନ୍ଧରେ କୌଣସି ଉଲ୍ଲେଖ କରିନଥିଲେ କି ସାମାନ୍ୟତମ ସୂଚନା ମଧ୍ୟ ଦେଇନଥିଲେ। କେବଳ ଅଜ୍ଞାତ ରୂପରେ ଦିଆଯାଉଥିବା ନଗଦ ଚାନ୍ଦାର ପରିମାଣକୁ ୨୦ ହଜାର ଟଙ୍କାରୁ ୨ ହଜାର ଟଙ୍କାକୁ କମାଇ ଦେଇଥିଲେ। ମାତ୍ର ବର୍ତ୍ତମାନ ଏଭଳି ନିୟମର ଆଉ କୌଣସି ଯଥାର୍ଥତା ନଥିବା ପରି ମନେହେଉଛି; କାରଣ ଏବେ ରାଜନୈତିକ ଦଳ ବା ନେତାଙ୍କ ନାମ ନ କହି କମ୍ପାନୀଗୁଡ଼ିକ ଅସୀମିତ ଚାନ୍ଦା ଦେବା ପାଇଁ ସେ ବ୍ୟବସ୍ଥା କରିଦେଇଛନ୍ତି। ଇଲେକ୍ଟୋରାଲ୍ ବଣ୍ଡ କ୍ଷେତ୍ରରେ ମଧ୍ୟ ଏଭଳି ବିରୋଧାଭାସ ସୃଷ୍ଟି ହୋଇଛି। ସେଥିରେ ମଧ୍ୟ କାହାର ନାମ ଜଣାଇବାର ଆବଶ୍ୟକତା ନାହିଁ। ଏଭଳି ନାମ ଲୁଚାଇବା ପଛର କାରଣ ଭାବେ ସଫେଇ ଦିଆଯାଇଛି ଯେ ଯଦି କୌଣସି କମ୍ପାନୀ କୌଣସି ଦଳକୁ ଚାନ୍ଦା ଦିଏ ଓ ଚାନ୍ଦା ପାଇଥିବା ଦଳ କ୍ଷମତାକୁ ନ ଆସି ଅନ୍ୟ ଦଳ କ୍ଷମତାସୀନ ହୁଏ, ତେବେ ସେହି କମ୍ପାନୀକୁ କ୍ଷମତାସୀନ ଦଳର ନାଲିଆଖି ଦେଖିବାକୁ ପଡ଼ିପାରେ। ଏଭଳି ଯୁକ୍ତି ଯେ ଅବାନ୍ତର, ତାହା ବୁଝାଇ କହିବାର ଆବଶ୍ୟକତା ନାହିଁ। ଏହାଦ୍ୱାରା ଆମ ଗଣତନ୍ତ୍ରର ହିଁ ଉପହାସ କରାଯାଉଛି, ଏହା କହିବା ବାହୁଲ୍ୟ। ସାଧାରଣରେ ଧାରଣା ରହିଛି ଯେ କମ୍ପାନୀଗୁଡ଼ିକ ବିଭିନ୍ନ ରାଜନୈତିକ ଦଳକୁ ଚାନ୍ଦା ଦିଅନ୍ତି ଏଇଥିପାଇଁ ଯେ ସେମାନେ ରାଜନୈତିକ ସଂରକ୍ଷଣ ଯୋଗାଇଦେବେ। ପ୍ରତ୍ୟେକ କ୍ଷମତାସୀନ ସରକାର ସେଇଆ କରିଆସିଥିବା ମଧ୍ୟ ଆମେ ଅନୁଭବ କରିଆସୁଛୁ। ବର୍ତ୍ତମାନ ଚାନ୍ଦା ଦେବାର ସୀମାକୁ ହଟାଇ ଦେବାଦ୍ୱାରା କମ୍ପାନୀ ମାଲିକ ବା ବଡ଼ବଡ଼ ଶିଳ୍ପପତିଙ୍କ ଆଧିପତ୍ୟ ଆହୁରି ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ସରକାରଙ୍କ ନୀତି ଓ ନିଷ୍ପତ୍ତି ଯେ କେତେକ ଶିଳ୍ପପତିଙ୍କ ମର୍ଜି ଅନୁସାରେ ବି ତିଆରି ହୋଇଥାଏ, ଅତୀତରେ ତାହା ଆମେ ଦେଖିସାରିଛୁ। ଚାନ୍ଦା ହିଁ ସେସବୁର ମୂଳ। ସ୍ୱଚ୍ଛତାର ସଫେଇ ଦିଆଯାଉଥିବା ସରକାରଙ୍କ ଏହି ନିଷ୍ପତ୍ତି ଏ କ୍ଷେତ୍ରଟିକୁ ଆହୁରି ବିଷାକ୍ତ କରିବ ଓ ଗଣତନ୍ତ୍ରର ଗଳା ଚିପି ହେବ। ସରକାର ବଜେଟରେ ରାଜନୈତିକ ଦଳକୁ ଅର୍ଥ ଅନୁଦାନରେ ସବୁଠୁ ବଡ଼ ସଂସ୍କାର ଅଣାଯିବ ଓ କଳାଧନକୁ ଭବିଷ୍ୟତରେ ମୂଳପୋଛ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଯେ କେବଳ ଛଳନା ଥିଲା, ବର୍ତ୍ତମାନର ଏହି ପଦକ୍ଷେପରୁ ସୁସ୍ପଷ୍ଟ। ଜନସାଧାରଣଙ୍କୁ ସରକାର ସର୍ବଦା ନିର୍ବୋଧ ଭାବନ୍ତୁ ନାହିଁ।

## ଆଜିର ଅନୁଚିନ୍ତା

**ପୂର୍ବଜନ୍ମରେ ମୁଁ କ'ଣ ଥିଲି, କେବଳ ଏହି ଚିନ୍ତା କରି ପଛକୁ ଫେରିଯାଅ ନାହିଁ।**

# କାଞ୍ଜି ଅଁଳା ଓଷା



ଉତ୍କଳୀୟ ପର୍ବପର୍ବାଣୀ ଓ ଆଧାତ୍ମିକ ଅନୁଚିନ୍ତନରେ କାଞ୍ଜି ଅଁଳା ଓଷାର ସ୍ଥାନ ସ୍ୱତନ୍ତ୍ର। ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିବସକୁ ପ୍ରଥମାଷ୍ଟମୀ ଭାବରେ ଷଠିଦେବୀଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଥିବା ବେଳେ ଠିକ୍ ଏହାର ପରଦିନ ଅର୍ଥାତ୍ ନବମୀ ଦିନ କାଞ୍ଜି ଅଳଁଓଷା ପାଳନ କରାଯାଇଥାଏ। ସନ୍ତାନ କାମନା କରି ତଥା ମା'ଷଠୀ ଦେବୀଙ୍କ ନିକଟରେ ସନ୍ତାନସନ୍ତିତିଙ୍କର ଦୀର୍ଘନିରାୟମ ଜୀବନ କାମନା କରି ଏହି ଉପବାସ ଓ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ପ୍ରତ୍ୟୁଷରୁ ନିତ୍ୟକର୍ମ ସମାପନ କରି ଉପବାସ ରହିବା ସହିତ ସନ୍ଧ୍ୟା ସମୟରେ ତୁଳସୀ ଚଉରା ମୂଳରେ ଏକ ଛୋଟିଆ ପୋଖରୀ ଖୋଳାଯାଇ ସେଠାରେ ଛୋଟ ଛୋଟ ମାଛ ଛଡ଼ାଯାଇ ପୋଖରୀ କୂଳରେ ବାଲୁଙ୍ଗା ଧାନ ପୋତାଯାଇଥାଏ। ନିକଟରେ ପିଢ଼ା ରଖାଯାଇ ସେଠାରେ ମା'ଷଠୀ ଦେବୀଙ୍କୁ ମାନସିକ ରଖାଯାଇ ପୂଜା କରାଯାଏ। ଶୀତ ଦିନେ ବା ମଗୁଶୁର ମାସରେ ଚାଷୀ ଫସଲ ଉତ୍ପାଦନ କରିଥିବାରୁ ଘରେ ଘରେ କାଞ୍ଜି ତିଆରି ହୋଇଥାଏ। ଯାହାକି ଏକ ସ୍ୱାସ୍ଥ୍ୟ ବର୍ଦ୍ଧକ ପାନୀୟ। ବିଶ୍ୱାସ ରହିଛିଯେ, ମା' ଷଠୀଦେବୀ କେବଳ ଧନୀକ ଘରେ ନୁହେଁ ସାଧାରଣ ଚାଷୀଘରେ ମଧ୍ୟ ଏହି କାଞ୍ଜି ଭୋଗ ପାଇଥାଆନ୍ତି। ମାର୍ଗଶୀର ମାସ କୃଷ୍ଣ ପକ୍ଷ ନବମୀ ତିଥିରେ କାଞ୍ଜିଅଁଳା ଓଷାର ବିଧିବିଧାନ ସମ୍ପୂର୍ଣ୍ଣ ରୂପେ ଉତ୍କଳୀୟ ଚେତନାକୁ ନେଇ ଗଢ଼ି ଉଠିଥାଏ। ମାଆ ଷଠୀଦେବୀଙ୍କ ପୂଜା ନୈବେଦ୍ୟ ସମର୍ପଣ କରି ସନ୍ତାନ ସନ୍ତତି ପ୍ରାପ୍ତିରୁ ବଞ୍ଚିତ ହୋଇଥିବା ମାଆ ମାନେ ଷଠୀଦେବୀଙ୍କ ପାଖରେ ଭକ୍ତି ନୈବେଦ୍ୟ ସମର୍ପଣ କରିଥାନ୍ତି। ମାର୍ଗଶୀର ମାସର ନବମୀ ଦିନ ସମସ୍ତ ନାରୀମାନେ ପ୍ରାତଃ ସ୍ନାନ କରି ଶୁଦ୍ଧପୂତ ଭାବରେ ସାରା ଦିନ ନିର୍ଜଳା ଉପବାସ ରହିଥାନ୍ତି। ସଂଧ୍ୟାବେଳେ ଚଉରା ପାଖରେ ପୂଜାର୍ଚ୍ଚନା କରିଥାନ୍ତି। ବିଭିନ୍ନ ପ୍ରକାର ପିଠା ଓ ପଣା ଷଠୀବୁଢ଼ୀଙ୍କୁ ସ୍ମରଣ କରି ଅର୍ପଣ କରିଥାନ୍ତି। ସେହି ଭୋଗ ଯେଉଁ ପିଲାଙ୍କ ପାଇଁ ମାନସିକ ହୋଇଥାଏ ତାହାଙ୍କୁ ହିଁ ପ୍ରଦାନ କରାଯାଇଥାଏ। ସଂପ୍ରତି ସହରାଞ୍ଚଳରେ ବି କାଞ୍ଜିଅଁଳା ଓଷା ପାଳିତ ହେଉଛି। ବିଭିନ୍ନ ଦେବୀପୀଠ, ଗଡ଼ଚଣ୍ଡୀ, କଟକଚଣ୍ଡୀଙ୍କ ପାଖରେ ଏହି ଦିନ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ପୌରାଣିକ କାହାଣୀରୁ ଯାହା ଜଣାଯାଏ ଜଣେ ସାଧବ ପୁଅଙ୍କ ଚାରି ପୁଅ ଓ ଚାରି ବୋହୂ ଥିଲେ। ମାଆ ଷଠୀଦେବୀ ସେହି ସାଧବ ବୋହୂଙ୍କୁ ପୁତ୍ରବତୀ କରିବାର ଆଶୀର୍ବାଦ ଦେଇଥିବାରୁ କାଞ୍ଜିଅଁଳା ଓଷା ସହ ସାଧବ କୂଳର ସମ୍ପର୍କ ବି ରହିଛି। ଏହି ଦିନରେ ପ୍ରତିଟି ଓଡ଼ିଆଣୀର ମନରେ ଭକ୍ତି ଓ ପ୍ରିତୀର ବାରିଧାରା ବାରି ହୋଇଥାଏ। ଏହି ମାସଟି ହେଉଛି ପୁଣ୍ୟମୟୀ ମା'ଲକ୍ଷ୍ମୀଙ୍କର ପ୍ରିୟ ମାସ। ମାଣବସା ଗୁରୁବାର ସହ କାଞ୍ଜିଅଁଳା ଓଷାକୁ ନେଇ ଘରେ ଘରେ ଓଡ଼ିଆଣୀମାନେ ବେଶ୍ ଖୁସିରେ ମାସଟିକୁ ବିତାଇଥାନ୍ତି। କାଞ୍ଜିଅଁଳା ବ୍ରତର ମୁଖ୍ୟ କାରଣ ହେଉଛି ନାରୀ ଜାତିକୁ ହେୟଜ୍ଞାନ ନକରି ସମସ୍ତଙ୍କ ଭିତରେ ନରନାରାୟଣଙ୍କୁ ପ୍ରାପ୍ତି ହିଁ ଜୀବନର ଧର୍ମ।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଓଡ଼ିଶା ରାଜନୀତିରେ ହରେକୃଷ୍ଣ ମହତାବଙ୍କ ଭୂମିକା

**--------ଡାକ୍ତର ସୁରେନ୍ଦ୍ରନାଥ ଦାଶ--------**





ଶ୍ରଦ୍ଧାରେ ଲୋକମାନେ ତାଙ୍କୁ ଉତ୍କଳକେଶରୀ ବା ଓଡ଼ିଶାର ସିଂହ ବୋଲି କହୁଥିଲେ। ସେ ହେଉଛନ୍ତି ନୂତନ ଓ ବିଶାଳ ଓଡ଼ିଶାର ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବ, ଯିଏ କି ଓଡ଼ିଶାରୂପୀ ଅରଣ୍ୟରେ ଏକମାତ୍ର ସିଂହ ଥିଲେ। ତାଙ୍କର ଭୀମ ଗର୍ଜନ ଓଡ଼ିଶା ବାହାରେ ମଧ୍ୟ ପ୍ରତିଧ୍ୱନିତ ହେଉଥିଲା। ଦୀର୍ଘ ୫୦ ବର୍ଷ ଧରି ରାଜ୍ୟର ରାଜନୀତି ଓ ସଂସ୍କୃତିକୁ ସେ ନିଜ ପ୍ରଚଣ୍ଡ ବ୍ୟକ୍ତିତ୍ୱ ଦ୍ୱାରା ଆଚ୍ଛନ୍ନ କରି ରଖିଥିଲେ। ଏହି ଯୁଗଜନ୍ମା ମହାପୁରୁଷ ତତ୍କାଳିନ ବାଲେଶ୍ୱର ଜିଲ୍ଲା ଓ ବର୍ତ୍ତମାନର ଭଦ୍ରକ ଜିଲ୍ଲାର ଅଗରପଡା ରାଜପରିବାରରେ ୨୧ ନଭେମ୍ବର ୧୮୯୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ଇତିହାସ ଯାହା କହୁ ଲେଖକ ଗର୍ବିତ ଯେ, ତାଙ୍କ ଜନ୍ମସ୍ଥାନର ଅତି ନିକଟରେ ମହତାବଙ୍କ ଜନ୍ମସ୍ଥାନ ବୋଲି ଜନଶ୍ରୁତି ରହିଅଛି। ଜନଶ୍ରୁତି କହେ, କଟକ ଜିଲ୍ଲାର ଏକ ମୁଖ୍ୟ ଗ୍ରାମ ଓ ପ୍ରଗନା ଅସୁରେଶ୍ୱର ହେଉଛି ମହତାବଙ୍କ ଜନ୍ମସ୍ଥାନ, ଯେଉଁଠି କର୍ମବୀର ଗୌରୀଶଙ୍କର ରାୟ ମଧ୍ୟ ଜନ୍ମ ନେଇଥିଲେ। ଅସୁରେଶ୍ୱରକୁ ଛୁଇଁ ସଦା ପୂର୍ଣ୍ଣଗର୍ଭା ଲୁଣା ନଈ ଘନ ଶ୍ୟାମଳିମା ଭେଦ କରି ଅଙ୍କା ବଙ୍କା ହୋଇ ବହି ଯାଇଛି। ତାହା ସହିତ ସମାନ୍ତର ହୋଇ ଲମ୍ବି ଯାଇଛି କେନ୍ଦ୍ରାପଡା କେନାଲ। ଏହି ନଈ ଓ କେନାଲ ମଝିରେ କେତେକ ପରିବାର ବାସ କରନ୍ତି; ଯେଉଁମାନଙ୍କର ସଂଜ୍ଞା ହେଉଛି ମହତାବ। ଲୋକେ କୁହନ୍ତି ହରେକୃଷ୍ଣ ମହତାବ ସେହି ପରିବାରରେ ଜନ୍ମଗ୍ରହଣ କରି ସଙ୍ଗେ ସଙ୍ଗେ ଅଗରପଡାକୁ ପୋଷ୍ୟପୁତ୍ର ହୋଇ ଯାଇଥିଲେ ଓ ଏହି ଘଟଣାକୁ ଗୋପନ ରଖାଯାଇଥିଲା। ଘଟଣା କ୍ରମେ ସେହି ପରିବାରର ଆଉ ଜଣେ ହରେକୃଷ୍ଣ ମହତାବ କଟକର ଜୋବ୍ରାଠାରେ ଥିବା ଲଂଚ ଘାଟର ମାଲିକ ଥିବାର ଲେଖକ ଜାଣିଅଛି। ଲୁଣା ନଦୀର ଅପର ପାର୍ଶ୍ୱରେ ଆଉ ଗୋଟିଏ ଗ୍ରାମ ଅଛି। ଯାହାର ନାମ ଘଂଟାଳୋ। ଯେଉଁଠାରେ ରାୟ ସଂଜ୍ଞାଧାରୀ କିଛି କ୍ଷତ୍ରୀୟ ପରିବାର ଏବେ ମଧ୍ୟ ବାସ କରୁଛନ୍ତି। ଏହି ଗ୍ରାମ ହେଉଛି ସୁଭଦ୍ରା ମହତାବଙ୍କ ଜନ୍ମଭୂମି। ଯିଏ କି ପରେ ହରେକୃଷ୍ଣ ମହତାବଙ୍କୁ ବିବାହ କରିଥିଲେ। ମହତାବଙ୍କ ପୋଷ୍ୟପୁତ୍ର ଓ ବର୍ତ୍ତମାନ କଟକର ସାଂସଦ ଭର୍ତ୍ତୃହରି ମହତାବ ସେହି ସ୍ଥାନ ସହିତ ନିବିଡ ସଂପର୍କ ରଖିଛନ୍ତି ଓ ବହୁ ବର୍ଷ ତଳୁ ନିଜ ମା'ଙ୍କ ନାମରେ ସେଠାରେ ଏକ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ କରିଛନ୍ତି, ଯାହା ଏପର୍ଯ୍ୟନ୍ତ ଲୋକମାନଙ୍କୁ ସେବା ଯୋଗାଇ ଆସୁଛି। ଅସୁରେଶ୍ୱରଠାରେ ଭର୍ତ୍ତୃହରିଙ୍କ ଉଦ୍ୟମରେ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି।

କଲେଜ ଶିକ୍ଷା ନ ସରୁଣୁ ମହତାବ ଦେଶର ରାଜନୈତିକ ଓ ସାମାଜିକ ଜୀବନରେ ଜଡିତ ହୋଇପଡିଲେ। ସେତେବେଳେ ଦେଶରେ ଇଂରେଜମାନଙ୍କ ବିରୁଦ୍ଧରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଅହିଂସା ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ୧୯୨୧ ମସିହାରେ ଗାନ୍ଧିଜୀ ଓଡ଼ିଶା ଆସିଲା ବେଳେ ମହତାବ କଂଗ୍ରେସ ଦଳରେ ଯୋଗଦେଲେ ଓ ଖୁବ୍ ଶୀଘ୍ର ଏହାର ନେତୃତ୍ୱ ଗ୍ରହଣ କଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୯୨୮ ମସିହାରେ ମୃତ୍ୟୁ ଘଟିଲା ପରେ ଦଳର ଦାୟିତ୍ୱ ତାଙ୍କ ଉପରେ ପଡିଲା। ସେ ବାଲେଶ୍ୱର ମ୍ୟୁନିସିପାଲିଟିର ଚେୟାରମ୍ୟାନ ହେଲେ ଓ ୧୯୩୦ ମସିହାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇ ଲବଣ ସତ୍ୟାଗ୍ରହରେ ଯୋଗଦେଲେ। ସେ ସମୟରେ ହୋଇଥିବା କନିକା ପ୍ରଜା ଆନ୍ଦୋଳନକୁ ସେ ବାହାରୁ ସମର୍ଥନ ଦେଉଥିଲେ। ୧ ଏପ୍ରିଲ ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେଲା। ଓଡ଼ିଶା ଅଂଚଳରେ ଥିବା ୨୬ ଗଡଜାତ, ଶାସନର ବାହାରେ ରହିଲା। ୧୯୩୮ ମସିହାରେ ବିଭିନ୍ନ ଦେଶୀୟ ରାଜ୍ୟରେ ଲୋକପ୍ରତିନିଧିମୂଳକ ଶାସନ ପାଇଁ ତାଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ସଂଗଠନ ଗଢି ଉଠିଲା। କପିଳେଶ୍ୱର ନନ୍ଦ, ସାରଙ୍ଗଧର ଦାସ, ବୀରବୈଷ୍ଣବ ଚରଣ ଓ ପବିତ୍ରମୋହନ ପ୍ରଧାନଙ୍କ ଭଳି ନେତାମାନଙ୍କ ଦ୍ୱାରା ଏହି ଆନ୍ଦୋଳନ ସବୁ ରାଜ୍ୟକୁ ବ୍ୟାପିଗଲା ଓ ରଣପୁରଠାରେ ଲୋକଙ୍କ ଆକ୍ରମଣରେ ଇଂରେଜ ଏଜେଂଟ ବେଜେଲଗେଟ୍ ସାହେବ ମୃତ୍ୟୁବରଣ କଲେ। ଦେଶୀୟ ରାଜ୍ୟମାନଙ୍କରେ ହେଉଥିବା କୁଶାସନ ସମ୍ବନ୍ଧରେ ଅନୁସନ୍ଧାନ ପାଇଁ ମହତାବଙ୍କ ନେତୃତ୍ୱରେ ଏକ କମିଶନ ବସିଲା (୧୯୩୮) ଓ ମହତାବ ଏହି କୁଶାସନର ମୂଳୋତ୍ପାଟନ ପାଇଁ ସେଗୁଡିକୁ ଓଡ଼ିଶା ପ୍ରଦେଶ ସହ ମିଶେଇ ଦେବାର ସୁପାରିଶ କରିଥିଲେ। ସାରା ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣର ଏହା ଥିଲା ପ୍ରଥମ ପ୍ରତିଧ୍ୱନି। ୧୯୪୬ ମସିହାରେ କ୍ୟାବିନେଟ ମିଶନ୍ ଭାରତ ଆସିଥିଲେ। ସେମାନଙ୍କୁ ଏକ ପତ୍ର ଲେଖି ମହତାବ୍ ଦେଶୀୟ ରାଜ୍ୟର ବିଲୋପ ପାଇଁ ଦାବି କରିଥିଲେ। ସେ ସମୟର ରାଜନୈତିକ ଅସ୍ଥିରତା ଯୋଗୁଁ ମିଶନ କୌଣସି ପଦକ୍ଷେପ ନନେଲେ ମଧ୍ୟ ମହତାବଙ୍କର ମତକୁ ପ୍ରଶଂସା କରିଥିଲେ। ସେତେବେଳେ ଓଡ଼ିଶାରେ ୨୬ଟି ଗଡଜାତ ରାଜ୍ୟ ଥିଲା। ଏଗୁଡିକୁ ଏ, ବି, ସି ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥିଲା। 'ଏ' ଶ୍ରେଣୀରେ ଥିବା ୧୧ଟି ଦେଶୀୟ ରାଜ୍ୟ ହେଲେ-ମୟୁରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ପାଟଣା -ବଲାଙ୍ଗିର, ନୟାଗଡ, ବାମୁଣ୍ଡା, ବାମରା, ଗାଙ୍ଗପୁର, ସୋନପୁର ଓ ଷଢେଇକଳା। 'ବି' ଶ୍ରେଣୀରେ ଥିବା ୧୨ଟି ରାଜ୍ୟ ହେଲେ-ଆଠଗଡ, ଆଠମଲ୍ଲିକ, ହିନ୍ଦୋଳ, ବଣେଇ, ଖରସୁଆଁ, ବଡମ୍ବା, ନରସିଂପୁର, ଖଣ୍ଡପଡା ଓ ଦଶପଲା। 'ସି' ଶ୍ରେଣୀରେ ଥିବା ୩ଟି ଦେଶୀୟ ରାଜ୍ୟ ହେଲେ-ତିଗିରିଆ, ରେଢାଖୋଲ ଓ ପାଲଲହଡା। ଏହି ରାଜ୍ୟଗୁଡିକ ଇଂରେଜମାନଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ଜଣେ ଏଜେଂଟଙ୍କ ଦ୍ୱାରା ଶାସିତ ହେଉଥିଲା। ଏହାକୁ ଟ୍ରିବ୍ୟୁଟାରି ମାହଲ କୁହାଯାଉଥିଲା। ଏହି ରାଜାମାନେ ହୁଂକାପିଟା ପୁରୁଣାକାଳିଆ ଶାସନ କରୁଥିଲେ ଓ ପ୍ରଜାମାନଙ୍କ ଉପରେ ନାନା କର ବସାଉଥିଲେ। ଘନ ଜଙ୍ଗଲରେ ଏହି ଅଂଚଳ ପୂରିଥିଲା। ଅଧିବାସୀମାନେ ମୁଖ୍ୟତଃ ଆଦିବାସୀ ଥିଲେ ଓ ବିଭିନ୍ନ ମୂଲ୍ୟବାନ ଖଣିଜ ପଦାର୍ଥରେ ଏହି ଅଂଚଳ ଭରପୁର ହୋଇ ରହିଥିଲା। ଏହି ରାଜ୍ୟଗୁଡିକ ମଧ୍ୟରେ ମୟୁରଭଞ୍ଜ ସବୁଠାରୁ ବଡ ଥିଲା। ଏହାର ଲୋକସଂଖ୍ୟା ଥିଲେ ୧୦ ଲକ୍ଷ ଓ କ୍ଷେତ୍ରଫଳ ଚାରି ହଜାର ବର୍ଗ ମାଇଲ। ତିଗିରିଆ ଥିଲା ସବୁଠୁ ଛୋଟ ରାଜ୍ୟ ଯାହାର କ୍ଷେତ୍ରଫଳ ଥିଲା ମାତ୍ର ୪୩ ବର୍ଗ ମାଇଲ ଓ ଲୋକସଂଖ୍ୟା ୨୦,୦୦୦। ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧିନତା ପାଇଲା। ସେତେବେଳକୁ ମହତାବ ଥିଲେ ଓଡ଼ିଶାର ପ୍ରଧାନମନ୍ତ୍ରୀ। ନୂଆ ଓଡ଼ିଶା ଗଠନ ପାଇଁ ସେ ଲାଗି ପଡିଲେ। କଟକରୁ ରାଜଧାନୀ ଉଠିଯାଇ ଭୁବନେଶ୍ୱରରେ ଏକ ଆଧୁନିକ ନୂଆ ରାଜଧାନୀ ତିଆରି ହେଲା। ହୀରାକୁଦ ଠାରେ ଏସିଆର ବୃହତମ ଜଳଭଣ୍ଡାରର ଭିତି ପଡିଲା।

୧୯୪୬ ମସିହା ଜୁଲାଇ ୨୦ରେ ମହତାବ ସମ୍ବଲପୁରଠାରେ ଦେଶୀୟ ରାଜାମାନଙ୍କୁ ଡାକି ଓଡ଼ିଶା ସହ ମିଶାଇବା ପାଇଁ ବୁଝାଇଲେ ମଧ୍ୟ ସେମାନେ କର୍ଣ୍ଣପାତ କଲେନାହିଁ। ବରଂ ସେମାନେ ମହତାବଙ୍କୁ ବିରୋଧ କରି ଏ ଯୁଗର ପର୍ଶୁରାମ ବୋଲି ଡାକିବାକୁ ଲାଗିଲେ। ଦେଶୀୟ ରାଜାମାନେ ସ୍ୱାଧିନତା ପରେ ଏକ ସ୍ୱୟଂଶାସିତ ରାଜ୍ୟ ସଂଘର କଳ୍ପନା କରି ଅଗଷ୍ଟ ୧/୧୯୪୭ ମସିହା ଦିନ ରାୟପୁରର ରାଜକୁମାର କଲେଜଠାରେ ଏକ ସମ୍ମିଳନୀର ଆୟୋଜନ କଲେ। ସେମାନେ ଇଷ୍ଟର୍ଣ୍ଣ ଷ୍ଟେଟସ ୟୁନିଅନ ନାମକ ଏକ ରାଷ୍ଟ୍ର ସଂଘ ଗଠନ କଲେ। ଏହାପାଇଁ ଏକ ସ୍ୱତନ୍ତ୍ର ସମ୍ବିଧାନ, ହାଇକୋର୍ଟ, ଏକ ସେକ୍ରେଟେରିଏଟ ଓ ପ୍ରଧାନମନ୍ତ୍ରୀ ପଦ ସୃଷ୍ଟି କଲେ। ଜଣେ ଇଂରେଜ ମିଲିଟାରି ଅଫିସର ଅଧିନରେ ଏକ ସାମରିକ ପୋଲିସବାହିନୀ ମଧ୍ୟ ଗଠନ କଲେ ଓ ଘୋଷଣା କରାଗଲା ଯେ, ଯେଉଁଠି ଶାସକମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ହେବ ସେଠାରେ ଯାଇ ୟୁନିୟନ ପୋଲିସ ପହଂଚି ଯିବେ। ଠିକ୍ ଏତିକି ବେଳେ ବାଲେଶ୍ୱର ନିକଟରେ ଥିବା ଏକ କ୍ଷୁଦ୍ର ଦେଶୀୟ ରାଜ୍ୟ ନିଳଗିରୀଠାରେ ପ୍ରଜା ବିଦ୍ରୋହ ଆରମ୍ଭ ହେଲା। ପ୍ରଜାମାନେ କୈଳାସ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ଏକ ପ୍ରଜା ସରକାର ଗଠନ କଲେ। ସେମାନଙ୍କ ଦମନ ପାଇଁ ରାଜା ବାହାର ରାଜ୍ୟରୁ ପୋଲିସ ମଗାଇଲେ। ରାଜ୍ୟରେ ଥିବା ବାଥୁଡି ଆଦିବାସୀମାନଙ୍କୁ ପ୍ରରୋଚିତ କରି ଆନ୍ଦୋଳନକାରୀଙ୍କ ସହିତ ଲଗାଇଦେଲେ। ଆଦିବାସୀମାନେ ଖଣ୍ଡା, ଧନୁ ଓ ତୀର ଧରି ରାଜାଙ୍କ ପାଇଁ ପ୍ରାଣ ଦେବାକୁ ଘୋଷଣା କଲେ ଓ ଅଣଆଦିବାସୀଙ୍କ ଉପରେ ଆକ୍ରମଣ କଲେ। ବିଲରୁ ଫସଲ କାଟିନେଲେ, ଘରେ ନିଆଁ ଲଗାଇଦେଲେ। ଅଯୋଧ୍ୟା ନାମକ ଏକ ଗ୍ରାମ ଉପରେ ଆକ୍ରମଣ କଲାବେଳେ ୭ ଜଣ ଲୋକଙ୍କ ମୃତ୍ୟୁ ଘଟିଲା। ଅନ୍ୟ ଦେଶୀୟ ରାଜ୍ୟରେ ମଧ ରାଜାମାନେ ଆଦିବାସୀଙ୍କୁ ମତେଇବାରେ ଲାଗିଲେ। ଅବସ୍ଥା ଭୟାବହ ହେବାକୁ ଯାଉଛି କହି ମହତାବ କେନ୍ଦ୍ର ଗୃହମନ୍ତ୍ରୀ ପଟେଲଙ୍କୁ ହସ୍ତକ୍ଷେପ କରିବାପାଇଁ ତାର କଲେ। ସରଦାର ପଟେଲ ପୋଲିସ ପଠାଇ ନିଳଗିରି ରାଜ୍ୟକୁ ଅଧିକାର କରିବାକୁ ଆଦେଶ ଦେଲେ। ରାଜ୍ୟ ମିଶ୍ରଣର ଏହା ଥିଲା ପ୍ରଥମ ପରୀକ୍ଷା। ସଫଳ ବା ବିଫଳ ହେବାର ଦାୟିତ୍ୱ ମହତାବଙ୍କର ବୋଲି ପଟେଲ ଜଣାଇଦେଲେ। ମହତାବଙ୍କ ଆଦେଶରେ ବାଲେଶ୍ୱର ଜିଲ୍ଲାପାଳ ମିଲିଟାରି ପୋଲିସ ନେଇ ନିଳଗିରି ଯାତ୍ରା କଲେ। ରାଜ୍ୟ ଗୃହମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତାଙ୍କ ସହିତ ଗଲେ। ରାଜା ଭୟରେ ୧୪/୧୧/୧୯୪୭ ଦିନ ତାଙ୍କ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କଲେ ଓ ସରକାରୀ ଗେଜେଟ୍ ଅନୁଯାୟୀ ୦୧/୧୨/୧୯୪୭ ଦିନ ନିଳଗିରି ରାଜ୍ୟ ଓଡ଼ିଶା ସହ ମିଶିଲା। ପଟେଲଙ୍କ ତଥାକଥିତ ଫଳ ଟୋକେଇରେ ନିଳଗିରୀ ହେଲା ପ୍ରଥମ ଫଳ ଓ ହରେକୃଷ୍ଣ ମହତାବ ହେଲେ ଭାରତ ପାଇଁ ଦେଶୀୟ ରାଜ୍ୟ ମିଶ୍ରଣର ପଥପ୍ରଦର୍ଶକ। ମହତାବଙ୍କୁ ପ୍ରଶଂସା କରି ପଟେଲ କହିଲେ, ବହୁ ବର୍ଷ ତଳେ କଳିଂଗର ଏହି ପ୍ରାଚୀନ ଭୂମି ସାରା ଭାରତକୁ ଆଲୋକର ପଥ ଦେଖାଇଥିଲା। ଏହାର ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲା। ପୁଣି ୨୦୦୦ ବର୍ଷ ପରେ ସେହି ମାଟି ଭାରତକୁ ଦେଶୀୟ ରାଜ୍ୟ ମିଶ୍ରଣର ବାଟ ଦେଖାଇଦେଲା। ଏହାର ସମସ୍ତ ଶ୍ରେୟ ମହତାବଙ୍କ ପ୍ରାପ୍ୟ। ନିଳଗିରି ଘଟଣା ପରେ ସମସ୍ତ ରାଜା ଆତଙ୍କିତ ହୋଇ ଘନଘନ ମନ୍ତ୍ରଣା ଚଳାଇଲେ ଓ ଦିଲ୍ଲୀ ଯାଇ ସରଦାର ପଟେଲଙ୍କୁ ସାକ୍ଷାତ କଲେ। ସରଦାର ପଟେଲ ତାଙ୍କୁ ଅବୈଧ ୟୁନିୟନକୁ ଭାଙ୍ଗିବା ପାଇଁ ପରାମର୍ଶ ଦେଲେ। ମହତାବଙ୍କ ଡାକରାରେ ସରଦାର ପଟେଲ ସ୍ୱରାଷ୍ଟ୍ର ସଚିବ ଭିପି ମେନନ୍ ଓ ପଟେଲଙ୍କ ବ୍ୟକ୍ତିଗତ ସଚିବ ଏସ. ଶଙ୍କରଙ୍କ ସହ ରାଜଧାନୀ କଟକରେ ପହଂଚିଲେ ଡିସେମ୍ବର ୧୩, ୧୯୪୭ ଦିନ ଓ ରାଜଭବନର ଅତିଥି ହେଲେ। ତାଙ୍କସହ ସାକ୍ଷାତ ପାଇଁ ୨୬ ଟି ଦେଶୀୟ ରାଜାଙ୍କୁ କଟକ ଡକାଗଲା। ଡିସେମ୍ବର ୧୪ ସକାଳୁ ଆଲୋଚନା ଆରମ୍ଭ ହେଲା। ପଟେଲ ପ୍ରଥମେ ବି ଓ ସି ବିଭାଗର ରାଜାଙ୍କୁ ମିଶ୍ରଣ ପାଇଁ ବୁଝାଇଦେଲେ। ସମୟ ବଦଳି ଯାଇଛି। ସବୁଆଡେ ରାଜତନ୍ତ୍ର ଲୋପ ପାଇ ଲୋକତନ୍ତ୍ର ପ୍ରତିଷ୍ଠିତ ହେଉଛି। ନୂଆ ଯୁଗରେ ଛୋଟ ଛୋଟ ରାଜ୍ୟ ମାନ ତିଷ୍ଠିପାରିବେ ନାହିଁ। ନୂତନ ଓ ଏକ ଭାରତ ଗଠନ ପାଇଁ ସେମାନେ ହାତ ବଢେଇଦେବା ଉଚିତ୍। ପଟେଲଙ୍କ କଥାରେ ବି ଓ ସି ଶ୍ରେଣୀର ସମସ୍ତ ରାଜାମାନେ ରାଜି ହୋଇ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିଦେଲେ। ଅପରାହ୍ନରେ ଏ ଶ୍ରେଣୀର ରାଜାମାନଙ୍କୁ ଡକାଗଲା। ପାଟଣା ମହାରାଜ ଆର ଏନ୍ ସିଂ ଦେଓ ତାଙ୍କର ନେତା ଥିଲେ। ସଭା ଆରମ୍ଭରୁ ମୟୁରଭଞ୍ଜ ମହାରାଜ କହିଲେ ଯେ ତାଙ୍କ ରାଜ୍ୟରେ ନିର୍ବାଚିତ ମନ୍ତ୍ରୀମଣ୍ଡଳ ହାତରେ ସମସ୍ତ କ୍ଷମତା ରହିଅଛି। ସେମାନେ ହିଁ ମିଶ୍ରଣ ଚୁକ୍ତିରେ ଦସ୍ତଖତ କରିପାରିବେ। ଏତିକି କହି ସେ ସଭା ତ୍ୟାଗ କରି ଚାଲିଗଲେ। ଅନ୍ୟ ରାଜାମାନେ ନାନା ପ୍ରକାର ଅବାନ୍ତର ଯୁକ୍ତି କଲେ। ବିରକ୍ତ ହୋଇ ପଟେଲ ସଭା ଛାଡି ଚାଲିଗଲେ। ଯିବା ଆଗରୁ ରାଜାମାନଙ୍କୁ ସତର୍କ କରିଦେଲେ। ତୁମ ରାଜ୍ୟରେ ଲୋକମାନେ ଚାହିଁ ବସିଛନ୍ତି; ସ୍ୱାକ୍ଷର ନକରି ଗଲେ ତୁମ ମାନଙ୍କୁ ଗୋଡେଇ ଗୋଡେଇ ପିଟିବେ। ସେତେବେଳକୁ ସୁରକ୍ଷା ଦେବାକୁ କେହି ନଥିବେ। ବରଂ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ ତୁମର ଉପାଧି, ହାତପାଣ୍ଠି ଓ ବ୍ୟକ୍ତିଗତ ସମ୍ପତିର ସୁରକ୍ଷା ସରକାର ନେବେ। ପଟେଲ ଚାଲିଗଲା ପରେ ମହତାବ ଓ ମେନନ୍ ରାଜାମାନଙ୍କୁ ବୁଝେଇବାକୁ ଲାଗିଲେ। ଶେଷରେ ବିଳମ୍ବିତ ରାତିରେ ୧୦ ଜଣ ରାଜା ସ୍ୱାକ୍ଷର କଲେ। ପଟେଲ ସେତେବେଳକୁ କଟକ ରେଲଷ୍ଟେସନରେ ରାୟପୁର ଯିବାପାଇଁ ଅପେକ୍ଷା କରି ବସିଥା'ନ୍ତି। ମହତାବ ଓ ମେନନ୍ ତାଙ୍କୁ ନେଇ ମିଶ୍ରଣ ଦଲିଲ ହସ୍ତାନ୍ତର କଲେ। ଖୁସିରେ ପଟେଲ ଆତ୍ମହରା ହୋଇପଡିଲେ ଓ କହିଲେ ଓଡ଼ିଶା ଆଜି ଭାରତକୁ ବାଟ ଦେଖାଇଲା। ତା ୦୧/୦୧/୧୯୪୮ରିଖ ଦିନ ସମସ୍ତ ଦେଶୀୟ ରାଜ୍ୟ ଓଡ଼ିଶାରେ ମିଶିଗଲା। ବର୍ଷକ ପରେ ୦୧/୦୧/୧୯୪୯ ଦିନ ମୟୁରଭଞ୍ଜର ମଧ୍ୟ ମିଶ୍ରଣ ହେଲା। ଦୁଇଟି ଦେଶୀୟ ରାଜ୍ୟ ଷଢେଇକଳା ଓ ଖରସୁଆଁ ଓଡ଼ିଶା ସହିତ ପ୍ରଥମରୁ ମିଶିଲେ ମଧ୍ୟ ଉଚ୍ଚସ୍ତରୀୟ ଚକ୍ରାନ୍ତ ଯୋଗୁଁ ଓଡ଼ିଶାରୁ ଯାଇ ବିହାର ସହିତ ମିଶିଲା। ବର୍ତ୍ତମାନ ୬ଟି ଜିଲ୍ଲା ବଦଳରେ ୧୩ ଜିଲ୍ଲା ହେଲା ଓ କ୍ଷେତ୍ରଫଳ ୩୦ ହଜାର ବର୍ଗ ମାଇଲରୁ ୬୦ ହଜାର ହେଲା ଓ ଲୋକସଂଖ୍ୟା ହେଲା ୧ କୋଟି ୨୦ ଲକ୍ଷ। ମହତାବଙ୍କ ସ୍ୱପ୍ନ ସାକାର ହେଲା। ଡକ୍ଟର ମହତାବ ୧୯୪୬ ରୁ ୧୯୫୦ ଓ ପରେ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହାମଧ୍ୟରେ ସେ ପାର୍ଲାମେଂଟର ସଭ୍ୟ, କଂଗ୍ରେସ ପାର୍ଲାମେଂଟାରି ବୋର୍ଡର ସମ୍ପାଦକ, ଦଳର ଜାତୀୟ ଉପସଭାପତି, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ଓ ବୃହତର ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୬୧ ମସିହାରେ ତାଙ୍କର ଏକଦା ଶିଷ୍ୟ ଥିବା ବିଜୁ ପଟ୍ଟନାୟକ ତାଙ୍କୁ କ୍ଷମତାଚ୍ୟୁତ କରି ନିଜେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଡକ୍ଟର ମହତାବ, ବିଜୁ ପଟ୍ଟନାୟକ ଓ ତାଙ୍କର ସାଥୀ ବିରେନ୍ ମିତ୍ର ନିଳମଣି ରାଉତରାୟଙ୍କୁ ରାଜନୀତିକୁ ଆଣିଥିଲେ ଓ ସେମାନଙ୍କୁ ମହତାବଙ୍କର ୩ ସିପାହି କୁହାଯାଉଥିଲା। ମହତାବ କଂଗ୍ରେସ ପରିତ୍ୟାଗ କରି ଜନକଂଗ୍ରେସ ନାମରେ ଏକ ଆଂଚଳିକ ଦଳ ଗଠନ କଲେ ଓ ୧୯୬୭ ନିର୍ବାଚନରେ କଂଗ୍ରେସ ଦଳକୁ କ୍ଷମତାଚ୍ୟୁତ କରି ପୂର୍ବ ଅପମାନର ପ୍ରତିଶୋଧ ନେଲେ।

ବର୍ତ୍ତମାନ ସିଂହର ବିଶ୍ରାମ ସମୟ ଉପସ୍ଥିତ। ପୁରୁଣା ଭୁବନେଶ୍ୱରର ଏକାମ୍ର କାନନରେ ଥିବା ତାଙ୍କର ବାସଗୃହ ହୋଇଗଲା ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥସ୍ଥଳ। ତାଙ୍କର ଆଶୀର୍ବାଦ ଓ ପରାମର୍ଶ ପାଇଁ ସମସ୍ତେ ଧାଇଁଲେ। ତାଙ୍କର ଅନ୍ୟ ଏକ ପ୍ରିୟ ଶିଷ୍ୟ ଜାନକୀବଲ୍ଲଭ ପଟ୍ଟନାୟକ ଦୀର୍ଘ ୧୦ ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହିଥିଲେ। ରାଜନୀତିରେ ତାଙ୍କର ଧୁରଂଧର ଗୋଟିଚାଳନା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଯାହାକି ମହତାବ ପଲିସି ରୂପରେ ପ୍ରଚାରିତ ହେଉଥିଲା। ଏବେ ବି ଲୋକେ ମନେପକାନ୍ତି। ମଳିନ ଅପରାହ୍ନରେ ଜାତୀୟ ରାଜପଥ ୫ ଦେଇ ନାଳି କାରଟିଏ ବମ୍ବେ ରେଜିଷ୍ଟ୍ରେସନ ଧାରଣ କରି ଭୁବନେଶ୍ୱରରୁ କଟକ ଅଭିମୁଖେ ଛୁଟି ଚାଲିଥିବ ଓ ବାଟୋଇମାନେ କହୁଥିବେ ଡକ୍ଟର ମହତାବ ଯାଉଛନ୍ତି। କଟକର ନିମଚଉଡିଠାରେ ଥିବା ପ୍ରଜାତନ୍ତ୍ର ଭବନ ତାଙ୍କର ଶେଷ କର୍ମସ୍ଥଳି ହୋଇଥିଲା। ସେଠାରେ ସମ୍ପାଦକର ସିଂହାସନରେ ରାଜକୀୟ ଠାଣିରେ ବସି ସେ ସମ୍ପାଦକୀୟ ଓ ଗାଁ ମଜଲିସ ଲେଖୁଥିଲେ। ଅନେକ ଲୋକ ସାକ୍ଷାତ ପାଇଁ ଆସୁଥିଲେ। ସେ ଥିଲେ ଓଡ଼ିଶାର ସଂଭ୍ରାନ୍ତ ସାହିତ୍ୟ ପତ୍ରିକା 'ଝଙ୍କାର'ର ପ୍ରତିଷ୍ଠାତା ଓ ସାପ୍ତାହିକ ଇଂରାଜୀ ଇଷ୍ଟର୍ଣ୍ଣ ଟାଇମ୍ସର ସମ୍ପାଦକ। ତାଙ୍କର ଜୀବନୀ ଆରବ ସାଗରରୁ ଚିଲିକା ଓ ଓଡ଼ିଶାର ଇତିହାସ ପୁସ୍ତକ ପାଇଁ ସେ ଅମର ହୋଇ ରହିଛନ୍ତି। ତାଙ୍କ ନାମରେ ତିଆରି ହୋଇଥିଲା ରାଜ୍ୟର ପ୍ରଥମ କଂକ୍ରିଟ୍ ରୋଡ, ମହତାବ ରୋଡ। ଦୋଳମୁଣ୍ଡେଇ ଛକରୁ ଛତ୍ରବଜାର ଦେଇ ମାଲଗୋଦାମ ପର୍ଯ୍ୟନ୍ତ ଯାଇଥିଲା। ସେ ଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ସଭାପତି ଓ ତାଙ୍କ ନାମରେ ସ୍ଥାପିତ ହୋଇଛି ହରେକୃଷ୍ଣ ମହତାବ ରାଜ୍ୟ ଲାଇବ୍ରେରି। ଏଭଳି ମହାପୁରୁଷଙ୍କୁ ଭାରତ ରତ୍ନ ଉପାଧି ନଦେଇ ଜାତି ଯେ ଅବହେଳା କରିଛି ଏଥିରେ କୌଣସି ସନ୍ଦେହ ନାହିଁ। ଶେଷକୁ ଆସିଗଲା ଚିର ବିଦାୟର ବେଳ। ୨ ଜାନୁୟାରୀ ୧୯୮୭ ମସିହାରେ ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ ଅମୃତ ଧାମକୁ ଯାତ୍ରା କଲେ। ସେ ଛାଡିଥିବା ଶୂନ୍ୟସ୍ଥାନ ଚିରଦିନ ପାଇଁ ଅପୂରଣୀୟ ହୋଇ ରହିଗଲା।

***-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬***

# ଅନୁଭୂତିରେ ତୀର୍ଥଯାତ୍ରା

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**



ମାନବ ମଧ୍ୟରେ ଥିବା ଦେବତ୍ୱର ଉନ୍ମିଳନ କରିବା ହେଉଛି ସନାତନ ହିନ୍ଦୁଧର୍ମର ମୂଳମନ୍ତ୍ର। ଆମ ଦେଶ ଭାରତ ଓ ଭାରତୀୟ ମାନେ ଅତ୍ୟନ୍ତ ଭାଗ୍ୟବାନ ଯେ, ଏହି ଦେଶରେ ଭଗବାନ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଭଗବାନ ପ୍ରତ୍ୟେକ ବସ୍ତୁରେ ଓ ପ୍ରାଣୀ ମାଧ୍ୟମରେ ବିଦ୍ୟମାନ। ତଥାପି ଆମେ ତୀର୍ଥସ୍ଥାନ ଯାତ୍ରା କରି ତାଙ୍କୁ ଦର୍ଶନ କରିବାକୁ ପ୍ରୟାସ କରୁ। କାରଣ ପବିତ୍ର ସ୍ଥାନମାନଙ୍କରେ ଆମେ ଭଗବାନଙ୍କ ଉପସ୍ଥିତି ଅନୁଭବ କରୁ। ମନ୍ଦିରରେ ଭଗବାନ ମୂର୍ତ୍ତି ଦର୍ଶନ କରି ଆନନ୍ଦ ପ୍ରାପ୍ତ ହେଉ। ତୀର୍ଥଯାତ୍ରାକୁ ଏକ ଚିତ୍ତ ବିନୋଦନକାରୀ ଭ୍ରମଣ ବୋଲି ଜ୍ଞାନ କରିବା ଏବଂ ମନ୍ଦିରରେ ବିରାଜିତ ଈଶ୍ୱରଙ୍କୁ ପଥର ମୂର୍ତ୍ତି ବୋଲି ଚିନ୍ତାକରିବା ନିତାନ୍ତ ଅନୁଚିତ। ପବିତ୍ର ସ୍ଥାନ ଓ ସାଧୁସନ୍ଥ ସଂସର୍ଗ ମନରେ ଆଧାତ୍ମିକ ଶକ୍ତି ଜାଗ୍ରତ କରାଏ ଫଳରେ ମାନବର ଚିନ୍ତାଧାରା ଉଦୟ ହୁଏ। ଇହ ଓ ପରକାଳରେ ସେ ଦିବ୍ୟ ଆନନ୍ଦ ପ୍ରାପ୍ତ କରେ ଓ ମୁକ୍ତି ଲାଭ କରେ।

ଏହିସବୁ ଉଦ୍ଦେଶ୍ୟ ନେଇ ମୁଁ ମୋର ପରିବାର ବା କେତେବେଳେ ସାଙ୍ଗସାଥୀଙ୍କ ସହ ତୀର୍ଥଯାତ୍ରା କରିଛି। ଭାରତବର୍ଷର କେତେକ ଦର୍ଶନୀୟ ସ୍ଥାନ ପର୍ଯ୍ୟଟନ କରି ତା ମଧ୍ୟରେ କିଛି ପ୍ରସିଦ୍ଧ ତୀର୍ଥସ୍ଥାନ ଦର୍ଶନ କରିବାପରେ ଆହୁରି ଅଧିକ ତୀର୍ଥ ଭ୍ରମଣ ପାଇଁ ଇଚ୍ଛା ପ୍ରକଟ ହେଲା। ଏହା ଭିତରେ ଅର୍ଦ୍ଧାଧିକ ଜ୍ୟୋତିର୍ଲିଙ୍ଗ ଦର୍ଶନ ସରିଥାଏ। ମନକୁ ଆସିଲା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଓ ଚାରିଧାମ ଦର୍ଶନ କରିବା, ଏହା ମୋ' ସ୍ୱାମୀ ଶ୍ରୀଯୁକ୍ତ କୁଞ୍ଜବିହାରୀ ଜେନାଙ୍କୁ ଜଣାଇବାରୁ ସେ ଖୁସି ହୋଇ ସହମତି ପ୍ରକାଶ କଲେ। ଅଶେଷ ପୁଣ୍ୟ ବଳରୁ ଚାରିଧାମ ଯାତ୍ରା ଓ ଶିବଶଙ୍କରଙ୍କ ଦୟାରୁ କେଦାରନାଥ ଯାତ୍ରା ସହ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ସମ୍ପୂର୍ଣ୍ଣ ହେଲା। ଲେଖା ଲେଖିରେ ଅଭ୍ୟସ୍ତ ନ ଥିଲି। ଛୋଟ ଛୋଟ ଲେଖା କଲେଜ ମାଗାଜିନରେ ଦିଏ। ନାରୀ ସୁରକ୍ଷା ସମ୍ପାଦିକା ଶ୍ରୀମତୀ ଲଳିତା ଶତପଥୀ ତାଙ୍କ ପତ୍ରିକା ପାଇଁ ଲେଖା ଦେବାକୁ ଅନୁରୋଧ କଲେ। ମୁଁ କହିଲି, ''କ'ଣ ଲେଖିବି? ବହୁତ ତୀର୍ଥସ୍ଥାନ ବୁଲିଛି, କହିବେ ଯଦି ଭ୍ରମଣ କାହାଣୀ ଲେଖିକରି ଦେବି।'' ସେ ଖୁସି ହୋଇ ସମ୍ମତି ପ୍ରକାଶ କଲେ। ପ୍ରଥମେ ସୌନ୍ଦର୍ଯ୍ୟମୟୀ ଆଣ୍ଡାମାନ ଉପରେ ଲେଖା ଦେଇଥିଲି। ପାଠକ ପ୍ରଶଂସା କରି ଫୋନ୍ କଲେ। ତା'ପରେ ପ୍ରାୟ ପ୍ରତି ମାସରେ ଭ୍ରମଣ କାହାଣୀ ଲେଖା ଦେଲି। କେତେକ ଖବର କାଗଜରେ ମଧ୍ୟ ବାହାରିଲା। ସାତଆଠଟି ବାହାରିବା ପରେ ଲଳିତା ମାଡାମ ବହୁତ ଉତ୍ସାହ ଓ ପ୍ରେରଣା ପ୍ରଦାନ କଲେ ଏବଂ ଆଉ କିଛି ଲେଖିଲେ ଏକ ପୁସ୍ତକ ଭ୍ରମଣ କାହାଣୀ ଉପରେ ବାହାର କରିବା ବୋଲି କହିଲେ। ଏହା ଭିତରେ ଭାରତର ଅନେକ ତୀର୍ଥସ୍ଥାନ ଆମେ ଭ୍ରମଣ କରି ସାରିଥିଲୁ। ତେଣୁ ପ୍ରଥମେ ତୀର୍ଥ ଭ୍ରମଣ ଅନୁଭୂତିରେ ପୁସ୍ତକ ଲେଖିବାକୁ ମନସ୍ଥ କଲି। ଏହି ପୁସ୍ତିକାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ଚାରିଧାମ ଓ ଆଉ କିଛି ତୀର୍ଥସ୍ଥାନ ଅନୁଭୂତିର ବର୍ଣ୍ଣନା କରାଯାଇଛି। କିଛି ପୁରାଣ, କିଛି ଇତିହାସ ଓ କିଛି ଅନୁଭବକୁ ନେଇ ଲେଖିବାକୁ ପ୍ରୟାସ କରିଛି। ଭ୍ରମଣ କରିଥିବା ଆହୁରି ଅନେକ ତୀର୍ଥସ୍ଥାନର ବର୍ଣ୍ଣନା ରହିଯାଇଛି। ଦ୍ୱିତୀୟ ଖଣ୍ଡରେ ଆଶା ଅଛି। ତାହାକୁ ଲେଖିବାକୁ ଭଗବାନଙ୍କ ଇଚ୍ଛା ଥିଲେ ସମ୍ଭବ ହେବ। ବିଦେଶ ଯାତ୍ରା ଓ ଐତିହାସିକ ସ୍ଥାନ ପର୍ଯ୍ୟଟନ ଲେଖିବା ପାଇଁ ଚେଷ୍ଟା କରିବି।

ଜଣେ ବିଜ୍ଞାନ ଅଧ୍ୟାପିକା ହିସାବରେ ସାହିତ୍ୟ ଚର୍ଚ୍ଚା ପାଇଁ ବିଶେଷ ସୁଯୋଗ ନଥାଏ। ତଥାପି ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି ପ୍ରତି ମୋର ଅହେତୁକ ଆଗ୍ରହ ରହିଛି। ଓଡ଼ିଆ ଲୋକକଥା, କିମ୍ବଦନ୍ତୀ, ପୁରାଣ ତଥା ଧର୍ମଗ୍ରନ୍ଥରୁ ଗଳ୍ପ ଇତ୍ୟାଦି ମନଦେଇ ପଢ଼େ। ପୁରାଣ କଥା ସବୁ କିଛି ଅନ୍ଧବିଶ୍ୱାସ ଓ ଅତିରଞ୍ଜିତ ମନେହୁଏ। ବିଜ୍ଞାନୀ ଛାତ୍ରୀ ହିସାବରେ ଯୁକ୍ତି କରିବାକୁ ଇଚ୍ଛା ହୁଏ। ପୁଣି ଭାବେ କିମ୍ବଦନ୍ତୀ ସବୁ ଯଦି ଜନମାନସକୁ ଭଲ ବାଟରେ ନେଇ ପାରୁଛି, ମଣିଷ ମନରେ ଦୈବ ପ୍ରୀତି ଓ ପାପଭୀତି ସଞ୍ଚାର କରିପାରୁଛି ତେବେ ଗ୍ରହଣ କରିବାରେ ଅସୁବିଧା କଣ? ଶାସ୍ତ୍ରରେ ଅଛି ଗୁରୁଜନଙ୍କ ଉପଦେଶ ଓ ଶାସ୍ତ୍ର ପୁରାଣ ଉପରେ ଯୁକ୍ତି କରାଯାଏ ନାହିଁ। ମୋ' ମତରେ ଧର୍ମ ଓ ବିଜ୍ଞାନ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। ବୈଜ୍ଞାନିକମାନେ ବହୁ ପୌରାଣିକ ତଥ୍ୟକୁ ପ୍ରମାଣ କରି ଦେଖେଇ ଦେଲେଣି। ନାସାର ବୈଜ୍ଞାନିକମାନେ ଭାରତ ମହାସାଗରରେ ସେତୁବନ୍ଧ ଥିବାର ଫଟୋ ମାଧ୍ୟମରେ ପ୍ରମାଣ କଲେଣି। ସମୁଦ୍ର ଗର୍ଭରେ ଦ୍ୱାରକା ନଗରୀ ବୁଡି ରହିଥିବାର ସନ୍ଧାନ ମିଳିଲାଣି। କିମ୍ବଦନ୍ତୀରେ ଐତିହାସିକ ସତ୍ୟତା ଅଛି କି ନାହିଁ ତାହା ବଡ଼ କଥା ନୁହେଁ। ଲୋକଙ୍କର ବିଶ୍ୱାସ ସକଳ ଯୁକ୍ତିତର୍କର ଊର୍ଦ୍ଧ୍ୱରେ ତାହା ସେମାନଙ୍କ ଧର୍ମ ବିଶ୍ୱାସରୁ ସୃଷ୍ଟି। ଜ୍ଞାନୀମାନେ ଯେଉଁ କିମ୍ବଦନ୍ତୀ ଗଢ଼ି ଦିଅନ୍ତି ତାହା ଯୁଗ ଯୁଗକୁ ଲୋକ ମୁଖରେ ଗଢ଼ି ଆସେ। ସେହି ବିଶ୍ୱାସକୁ ଯେତେ ଯୁକ୍ତି ତର୍କ ଓ ତଥ୍ୟବଳରେ ଅସାର, ଅନୈତିହାସିକ ଏବଂ ଅନ୍ଧବିଶ୍ୱାସ ବୋଲି ପଣ୍ଡିତ ବା ବୈଜ୍ଞାନିକମାନେ କହିଲେ ବି ତାହା ଲୋକମାନଙ୍କୁ ଆଦୌ ପ୍ରଭାବିତ କରେନାହିଁ। ମୋ' ମନ ସେମିତି ପ୍ରଭାବିତ ହୋଇନି। ପୁରାଣ ଇତିହାସ ଓ ନିଜ ଅଭିଜ୍ଞତାରୁ ଯାହା ସଂଗ୍ରହ କରିଛି ଲେଖିଛି। ପାଠକମାନେ ନିଜ ମନକୁ ପାଇଲା ପରି ତଥ୍ୟ ଗ୍ରହଣ କରିବେ। ଅନ୍ୟ ସବୁଯୁକ୍ତିର ବାହାରେ। ଏହି ପୁସ୍ତକ ରଚନାରେ ମୋର ପତିଦେବଙ୍କ ସହଯୋଗ ଅବର୍ଣ୍ଣନୀୟ। ପ୍ରତିଟି ବିଷୟ ଲେଖିଲା ବେଳକୁ କମ୍ପ୍ୟୁଟର ନେଟରୁ ଲେଖାସବୁ ବାହାର କରି ଦିଅନ୍ତି ଓ ଆଲୋଚନା ମାଧ୍ୟମରେ ଦିଗ୍‌ଦର୍ଶନ ଦିଅନ୍ତି। ଇତିହାସ ଅଧ୍ୟାପକ ହୋଇଥିବାରୁ ତୀର୍ଥସ୍ଥାନମାନଙ୍କର ଐତିହାସିକ ତଥ୍ୟ ପ୍ରଦାନ କରନ୍ତି। ସର୍ବୋପରି ତାଙ୍କ ପାଇଁ ତ' ତୀର୍ଥ ଭ୍ରମଣ ସମ୍ଭବ ହୋଇଛି। ତାଙ୍କ ସହଯୋଗ ବିନା ମୋର ଲେଖା ସମ୍ପୂର୍ଣ୍ଣ କରିବା ସମ୍ଭବ ହୋଇନଥା'ନ୍ତା। ମୋର ପିଲାମାନେ ପ୍ରିୟଙ୍କା, ସାଇନି ଓ ସାର୍ଥକ ମୋତେ ଅନେକ ପ୍ରେରଣା, ଶକ୍ତି ଓ ସାହସ ଯୋଗାଇଛନ୍ତି। ଭାଇ ଡକ୍ଟର ଉତ୍ତମ ଚରଣ ନାୟକ ଅନେକ ତୀର୍ଥସ୍ଥାନ ଉପରେ ବହି ଯୋଗାଇ ମତେ ଉତ୍ସାହ ପ୍ରଦାନ କରିଛନ୍ତି। ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି। ମୋର ପଡ଼ିଶା ତଥା ବଡ଼ଭାଇ ସଦୃଶ ଡକ୍ଟର ପ୍ରଫୁଲ୍ଲ କୁମାର ଦାଶଙ୍କ ପାଖରେ ମୁଁ ଚିରଋଣୀ। ତାଙ୍କର ବହୁମୂଲ୍ୟ ସମୟ ଦେଇ ସେ ମୋର ସମସ୍ତ ଲେଖାପର୍ଢ଼ି ଓ ଆବଶ୍ୟକୀୟ ସଂଶୋଧନ କରି ମତେ ଅଶେଷ ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି। ନାରୀ ସୁରକ୍ଷା ପ୍ରକାଶନୀର କର୍ମକର୍ତ୍ତାମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ସାଧୁବାଦ ଜଣାଉଛି। ପରିଶେଷରେ ଶ୍ରୀଜଗନ୍ନାଥଙ୍କ କରୁଣା କାମନା କରି ତାଙ୍କ ଶ୍ରୀଚରଣରେ ଶତକୋଟି ପ୍ରଣାମ ଜଣାଉଛି। ସମର୍ଥ ସଦ୍‌ଗୁରୁ ସଚ୍ଚିଦାନନ୍ଦ ଶ୍ରୀ ସାଇନାଥ ଓ ମୋର ପରମ ଇଷ୍ଟ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶୀର୍ବାଦ କାମନା କରୁଛି।

***ଫ୍ଲାଟ ନଂ-୧୦୮୨/ଡି, ମର୍କତନଗର, ସିଡ଼ିଏ, ସେକ୍ଟର-୬, କଟକ, ଦୂରଭାଷ : ୯୮୬୧୩୫୫୬୨୮***




# ଆଦିବାସୀ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପିରାମଲ୍ ଫାଉଣ୍ଡେସନ ଓ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସହଯୋଗିତା



ଭୁବନେଶ୍ୱର : ପିରାମଲ୍ ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାରତରେ ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା ସ୍ଥାପନ କରିବା ଲାଗି ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ପ୍ରଥମ ସହଯୋଗୀ ଭାବେ ଯୋଗ ଦେଇଛି । ଏହା ହେଉଛି ବିବିଧ ଅଂଶୀଦାରଙ୍କୁ ନେଇ ଗଠନ କରାଯାଉଥିବା ଏକ ସହଯୋଗିତା ଭିତିକ କାର୍ଯ୍ୟକ୍ରମ ଯେଉଁଥିରେ ଆଦୀବାସୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱାରୋପ କରାଯିବ । ଦେଶର ଆଦିବାସୀ ବହୁଳ ଜିଲ୍ଲା ସମେତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ମଧ୍ୟ କାର୍ଯ୍ୟ କରାଯିବ ଏବଂ ଏହା ଜରିଆରେ ୨୦୩୦ ସୁଦ୍ଧା ଶହସ୍ରାବ୍ଦୀ ବିକାଶ ଲକ୍ଷ୍ୟ (ଏସଡିଜି) ୩ ହାସଲ କରିବା ଲାଗି ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ମଧ୍ୟ ସମର୍ଥନ ପ୍ରଦାନ କରାଯିବ । ଆଦିବାସୀ ସ୍ୱାସ୍ଥ୍ୟ ସହଯୋଗିତା (ଟ୍ରାଇବାଲ୍ ହେଲ୍ଥ କୋଲାବୋରେଟିଭ୍) ଭାରତ ସରକାରଙ୍କ ସହ ମିଶି କାର୍ଯ୍ୟ କରିବ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟର ଲକ୍ଷ୍ୟ ହାସଲ କରାଇବାରେ ସହାୟକ ହେବ । ଏହା ଏକ ଉଚ୍ଚ ପ୍ରଦର୍ଶନକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିକଶିତ କରିବ ଯାହା ସମାଜର ଉପେକ୍ଷୀତ ବର୍ଗଙ୍କ ଆବଶ୍ୟକତା ପୂରଣ କରି ।ରିବ ଓ ବିଶେଷ କରି ଆଦିବାସୀଙ୍କ ଜୀବନରେ ଉନ୍ନତି ଆଣି ।ରିବ । କେନ୍ଦ୍ର, ପୂର୍ବ ଏବଂ ଉତର-ପୂର୍ବ ଭାରତରର ଆକାଂକ୍ଷୀ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ୧୫୦ ନିୟୁତ ଲୋକଙ୍କ ପାଖରେ ଏହି କାର୍ଯ୍ୟକ୍ରମ ଜରିଆରେ ପହଂଚିବାକୁ ଲକ୍ଷ୍ୟ ରଖାଯାଇଛି । ଅଜୟ ପିରାମଲ୍, ପ୍ରତିଷ୍ଠାତା, ପିରାମଲ୍ ଫାଉଣ୍ଡେସନ କହିଛନ୍ତି ଯେ, "୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତକୁ ସମର୍ଥନ କରିବାକୁ ଆମେ ପ୍ରତିବଦ୍ଧ । ଉପେକ୍ଷୀତ ବର୍ଗର ଲୋକମାନଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ଉଦ୍ୟମ ଜୋରଦାର ହୋଇଛି ଓ ଏହା ବ୍ୟାପକ ହେବ । ଭାରତରେ ଅନେକ ପହଂଚ ଓ ଅପହଂଚ ଆଦିବାସୀ ଜିଲ୍ଲାରେ ପିରାମଲ୍ ଫାଉଣ୍ଡେସନ କାର୍ଯ୍ୟ କରୁଛି ଯେଉଁଥିରେ ୨୫ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ରହିଛି । ସମସ୍ୟାର ବ୍ୟାପକତାକୁ ଦୃଷ୍ଟିରେ ରଖି ଆମର ବିଶ୍ୱାସ ରହିଛି ଯେ ସମଭାବାପନ୍ନ ମୂଲ୍ୟ ବୋଧ ଭିତିକ ସଂସ୍ଥା ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ସହିତ ସହଯୋଗିତା ସରକାରଙ୍କ ଉଦ୍ୟମକୁ ସହାୟତା ପ୍ରଦାନ କରିବ । ଆମର ପ୍ରସ୍ତାବିତ କୋଲାବୋରେଟିଭ୍‌ର ଲକ୍ଷ୍ୟ ହେଉଛି ସରକାର, ସଂସ୍ଥା ଓ ଦାତବ୍ୟ ଅନୁଷ୍ଠାନଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରି ଭାରତରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗଣତନ୍ତ୍ର ଆଣିବା ।'' ବିଲ୍ ଗେଟସ୍, କୋ-ଚେୟାର, ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟସ୍ ଫାଉଣ୍ଡେସନ କହିଛନ୍ତି ଯେ, "ଉପେକ୍ଷୀତ ବର୍ଗର ଲୋକଙ୍କ ପାଇଁ ଭାରତର ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରତ୍ୱ ଏହାର ଏବଂ ସାରା ବିଶ୍ୱର ୨୦୩୦ ସୁଦ୍ଧା ଏସଡିଜି ୩ ଲକ୍ଷ୍ୟ ହାସଲ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ କ୍ଷେତ୍ର ଓ ଦୁନିଆର ଗରିବ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ସରକାରଙ୍କ ସହ ମିଶି ଆମେ କାର୍ଯ୍ୟ କରିବା ଜାରି ରଖିବୁ ।''

# ଆନ୍ଧ୍ର କବଜାରେ ସ୍ୱାଭିମାନ ଅଂଚଳ

## ଖବର ପ୍ରସାରିତ ପରେ ପ୍ରଶାସନ ପହଂଚିଲା ଜୁମଡାଙ୍ଗ ଗ୍ରାମରେ

ମାଲକାନଗିରି ,(ପିଏନ)- ଚିତ୍ରକୋଣ୍ଡା-ଆନ୍ଧ୍ର ଓଡିଶା ସୀମାନ୍ତ ନକ୍ସଲ ଉପଦ୍ରୁତ ଆଦିବାସୀ ବହୁଳ ମାଓ ପ୍ରବଣ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ରାଲେଗାଡା ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଜୁମଡାଙ୍ଗ ଗାଁ ଆନ୍ଧ୍ର କବଜକ୍ଷ ରେ ଥିବା ନେଇ ବିଭିନ୍ନ ଖବର କାଗଜରେ ପ୍ରସାରିତ ହେବା ପରେ ଜିଲା ପ୍ରଶାସନ ନିର୍ଦେଶ କ୍ରମେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ ନେତୃତ୍ୱରେ ଏକ ଆଠ ଜଣିଆ ଟିମ କରାଯାଇଥିଲା । ଏଥିରେ ରାଲେଗାଡା ପଂଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶ ଆୟାର, ଗ୍ରାମ ରୋଜଗାର ସେବକ ବଳଭଦ୍ର ମାଝୀ, ବ୍ଲକ ସୋସିଆଲ ସିକୁରିଟ ଅଫିସର ଅମର ମାଡକାମି, ସୋସିଆଲ ୱ୍ୱର୍କରର ବିରାଜ ମଣ୍ଡଳ ଓ ହରି ଶିଶା, ବିଏଲଓ ଗଙ୍ଗା, ସେଲସମ୍ୟାନ ବିଶ୍ୱନାଥ ଖିଲ ଓ ଅଙ୍ଗନବାଡି କର୍ମୀ ହେମଲତା ଶିଶା ପ୍ରମୁଖ ମିଶି ଉକ୍ତ ଗ୍ରାମକୁ ଯାଇଥିଲେ । ସ୍ୱାଭିମାନ ଅଂଚଳ ପାପରମେଟଲା ପଂଚାୟତ ଯନ୍ତାପାଇ ନିକଟସ୍ଥ ଡୋଲିଆମ୍ବ ଗ୍ରାମରେ ବାଇକ ରଖି ଡୋଲିଆମ୍ବ ଠାରୁ ଦେଢ଼ ଘଂଟା ଘାଟି ଚଢି କତାବାରୁ ରେ ପହଂଚି ପୁଣି ଚାଲିବା ଆରମ୍ଭ କରି ଅପରାହ୍ନ ରେ ଜୁମଡାଙ୍ଗ ଗାଁ ରେ ପହଂଚି ସେଠାକାର ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ । ସେଠାରେ ଜୁମଡାଙ୍ଗ ଗ୍ରାମ ୨ ୧ ଟି ପରିବାର ରହୁଛନ୍ତି । ସମସ୍ତ ପରିବାର ଆଦିବାସୀ କନ୍ଧ ସମ୍ପ୍ରଦାୟର ।

ଗ୍ରାମରେ ସମସ୍ତ ସରକାରୀ ସୁବିଧା ଅପହଂଚ,ବିଦ୍ୟାଳୟ ନାହିଁ ଉକ୍ତ ଗ୍ରାମରେ, ଅଙ୍ଗନବାଡି କେନ୍ଦ୍ର ଥିଲା ଅଙ୍ଗନବାଡି କର୍ମି ସୁନ୍ଦରୀ ହନ୍ତାଳ କିଛି ଦିନ ହେଲା ପଦବୀ ଛାଡି ଆନ୍ଧ୍ର ଚାଲିଗଲା,ବିଦ୍ୟାଳୟ ନାହିଁ, ସମସ୍ତ ପରିବାର ଲୋକଙ୍କ ର ଓଡିଶାର ଭୋଟର କାର୍ଡ ଥିବା ବେଳେ ଆଧାର କାର୍ଡ ଆନ୍ଧ୍ର ର ଥିଲା, କିଛି ଲୋକ ତଥା ଗର୍ଭବତୀ ମହିଳା ମାନଙ୍କ ମମତା ଯୋଜନାରେ ମଧ ଆନ୍ଧ୍ର ଅଂଚଳ ର ବ୍ୟାଙ୍କ ଆକାଉଂଟ ଖାତା ଥିଲା, ଆନ୍ଧ୍ରର ଏକ ପାଣି ଟାଙ୍କି ଥିଲା, ସମସ୍ତ ପରିବାର ଙ୍କ ପାଖରେ ଆନ୍ଧ୍ର ର ଚାଉଳ କାର୍ଡ ରହିଛି । ସୀମାନ୍ତ ଏବଂ ଦୁର୍ଗମ ଅଂଚଳ ପାଇଁ ଓଡିଶା ରାଜ୍ୟ ସରକାରଙ୍କ ସମସ୍ତ ମୌଳିକ ସୁବିଧା ଅପହଂଚ ରହିଛି । ଭତା, ଚାଉଳ, ଇନ୍ଦିରା ଆବାସ ଘର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧାରୁ ବଂଚିତ ଅଛନ୍ତି । ପ୍ରକାଶ ଥାଉକି ପାପରମେଟଲା ପଂଚାୟତ ଠାରୁ ଜୁମଡାଙ୍ଗ ଗ୍ରାମ ୫ରୁ ୭ କିଲୋମିଟର ପାହାଡି ଘାଟି ରାସ୍ତା ରହିଛି । ଓଡିଶା ସୀମାନ୍ତ ଆନ୍ଧ୍ର ପ୍ରଦେଶ ବିଶାଖାପାଟଣା ଜିଲ୍ଲା ମାଦିଗାରୁ ଗାଁ ୨୦ କିଲୋମିଟର ରୁ ଉର୍ଦ୍ଧ ମାତ୍ର ସେହି ଗ୍ରାମରେ ଏକ ଚର୍ଚ୍ଚ ଖୋଲାଯାଇ ଜଣେ ପାଷ୍ଟ ର ପିଲା ମାନଙ୍କୁ ଡ୍ରେସ, ପାଠ ପଢାଉ ଥିବାର ସୂଚନା ମିଳିବା ସହ ଆନ୍ଧ୍ର ତରଫରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉ ଥିବାର ତଥ୍ୟ ମିଳିବା କ୍ଷଣି ଜୁମଡାଙ୍ଗ ଗ୍ରାମ ପାଇଁ ପ୍ରଶାସନ ତରଫରୁ ଆରମ୍ଭ କରାଯାଇଥିଲା ବିଭିନ୍ନ ଯୋଜନାର ସହାୟତା । ଯାଇଥିବା ଟିମ ଗ୍ରାମ ତଥା ପରିବାର ସର୍ଭେ କରି ୧୦ଜଣଙ୍କ ଭତା ଦରଖାସ୍ତ ଫର୍ମ , ସମସ୍ତ ପରିବାର ପାଇଁ ରାସନ ରାସନକାର୍ଡ ଓ ଇନ୍ଦିରା ଆବାସ ଘର ପାଇଁ ଦରଖାସ୍ତ ଗ୍ରହଣ କରି ସମସ୍ତ ସହାୟତା ଓ ଯୋଜନା ପହଂଚିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ସେହିଭଳି ଆନ୍ଧ୍ର ସୀମାନ୍ତ ବର୍ତି ଗ୍ରାମ ଯଥା-କତାବାରୁ, ଚିଟାମଗାରୁ, ମଣ୍ଡକ୍ଷପାଲି ଓ କଟଙ୍ଗଦୁରବନ୍ଧ ଗ୍ରାମକୁ ୮ ଜଣିଆ ଟିମ ଯାଇ ବିଭିନ୍ନ ଯୋଜନାର ସହାୟତା ନିମନ୍ତେ ଦରଖାସ୍ତ ଗ୍ରହଣ କରି ପୁଣି ଆଗାମୀ ସପ୍ତାହରେ ଆସିବା ପାଇଁ କହି ଚିତ୍ରକୋଣ୍ଡା ଫେରିଥିଲେ । ଜୁମଡାଙ୍ଗ ଗ୍ରାମର ଗ୍ରାମବାସୀ ମାନେ ପାପରମେଟେଲା ଗ୍ରାମ ପଂଚାୟତ ୫କିଲୋମିଟର ହେବ ସେ ପଂଚାୟତ ରେ ତାଙ୍କ ଗ୍ରାମ ସାମିଲ କରିବାକୁ ଆବେଦନ କରିଥିଲେ । ମାତ୍ର ତାଙ୍କୁ ବହୁ ଦୂରରେ ରାଲେଗାଡା ପଂଚାୟତ ରେ ସାମିଲ କରାଯାଇ ଥିବାରୁ ଲୋକେ ଆସିବା ଅସମ୍ଭବ ହୋଇ ପଡିଛି ଫଳରେ ସମସ୍ତ ଯୋଜନା ଅପହଂଚ ହୋଇଥିବା ବେଳେ ଆନ୍ଧ୍ର ପାଷ୍ଟର ଏବଂ ଅନ୍ୟାନ୍ୟ ସହଯୋଗରେ ସହାୟତା ଯୋଗାଇ ଓଡିଶା ଗ୍ରାମକୁ ହାତେଇବାକୁ ପ୍ରୟାସ କରୁଛି ଆନ୍ଧ୍ର ସରକାର । ବହୁ ଲୋକ ପାଷ୍ଟରଙ୍କ ଦ୍ୱାରା ପ୍ରଭାବିତ ହୋଇ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାର ସୂଚନା ମିଳିଛି ।

# ଭିଭୋ ପକ୍ଷରୁ ୱାଇ-୧୯ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର-ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ୱାଇ-୧୯ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ଫୋନ୍ ଯୁବବର୍ଗଙ୍କ ସେଲ୍‌ଫି ଅଭ୍ୟାସକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଛି । ଏହାକୁ ଜ୍ଞାନକୌଶଳ, ଡିଜାଇନିଂ ଏବଂ ସାମୁହିକ ଦକ୍ଷତା ଭିତିରେ ପ୍ରସ୍ତୁତ କରାଯାଇଛି । ଏଥିରେ ୩ଟି ଏଆଇ ପଛ କ୍ୟାମେରା ରହିଛି । ସେଗୁଡ଼ିକ ଯଥାକ୍ରମେ ୧୬ ଏମ୍‌ପି, ୮ ଏମ୍‌ପି ଏବଂ ୨ ଏମ୍‌ପି କ୍ଷମତା ବିଶିଷ୍ଟ । ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ଏବଂ ୧୮ ୱାଟ୍ ଶୀଘ୍ର ଚାର୍ଜିଂ ହେଉଥିବା ଚାର୍ଜର ରହିଛି ।

ଏହା ମ୍ୟାଗ୍ନେଟିକ୍ ବ୍ଲାକ୍ ଏବଂ ସ୍ପ୍ରିଙ୍ଗ ହ୍ୱାଇଟ୍ ରଙ୍ଗରେ ଫ୍ଲିପ୍‌କାର୍ଟ, ଆମାଜନ, ପେଟିଏମ୍ ଆଦି ଅନ୍ ଲାଇନ୍ ପ୍ଲାଟଫର୍ମରେ ଏବଂ ଅଫଲାଇନ୍ ଅଂଶୀଦାର ତଥା ଭିଭୋ ଇଣ୍ଡିଆ ଇ-ଷ୍ଟୋରରେ ରେ ୨୦୧୯ ନଭେମ୍ବର ୨୦ ତାରିଖଠାରୁ ଉପଲବ୍ଧ ହେବ । ଏହାର ମୂଲ୍ୟ ୧୩,୯୯୦ଟଙ୍କା ରହିଛି ।

ଏହି ସ୍ମାର୍ଟଫୋନ୍ କ୍ରୟରେ ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଧାରକଙ୍କୁ ୫% କ୍ୟାସ ବ୍ୟାକ୍ ସୁବିଧା, ଏଚଡିବି ପେପର ଫାଇନାନ୍ସ କ୍ଷେତ୍ରରେ ୧୦% କ୍ୟାସ୍ ବ୍ୟାକ୍ ସୁବିଧା ଉପଲବ୍ଧ ହେବ । ବଜାଜ୍ ଏବଂ ଏଚଡିଏଫସି ପେପର ଫାଇନାନ୍ସ କ୍ଷେତ୍ରରେ ଜିରୋ ଡାଉନ୍ ପେମେଂଟ୍ ସୁବିଧା ଉପଲବ୍ଧ ହେବ । କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ କ୍ଷେତ୍ରରେ ୧୨ ମାସର ନୋ କଷ୍ଟ ଇଏମ୍‌ଆଇ ସୁବିଧା ସହିତ ରିଲାଏନ୍ସ ଜିଓ ପକ୍ଷରୁ ୬୦୦୦ଟଙ୍କାର ସୁବିଧା ଉପଲବ୍ଧ ହେବ ।

ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟାର୍ଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଲେ, " ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ବୁଦ୍ଧିମନ୍ତ କରିବାକୁ ସକ୍ଷମ ହେବ । ଆମ୍ଭେ ନିଶ୍ଚିତ ଯେ, ଏହି ୱାଇ-୧୯ ସ୍ମାର୍ଟଫୋନ୍ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ବୁଦ୍ଧିମନ୍ତ କରାଇବ ।"

ଏଥିରେ ୪ଜିବି ରାମ୍, ୧୨୮ ଜିବି ରମ୍, ଡୁଆଲ୍ ଇଞ୍ଜିନ୍ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି । ଏଥିରେ ୧୬.୫୮ ସେମି ହାଲୋ ସ୍କ୍ରିନ୍ ଡିସ୍‌ପ୍ଲେ ରହିଛି । ଏହାର ସ୍କ୍ରିନ୍ ବଡି ଅନୁପାତ ୧୯.୫:୯ ରହିଛି । ଏଥିରେ ୫୦୦୦ଏମଏଏଚ୍ ବ୍ୟାଟେରୀ ରହିଛି । ଏହାର ସ୍କ୍ରିନ୍ ଟୁ ବଡି ରେସିଓ ୯୦.୫% ରହିଛି । ଏଥିରେ ଡୁଆଲ୍ ଟୁର୍ବୋ ସୁବିଧା ରହିଛି । ଏହା ବ୍ୟବହାରକାରୀଙ୍କ ଅଭିଜ୍ଞତା ବୃଦ୍ଧି କରିବାକୁ ସକ୍ଷମ ହେବ ।

# ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇ:ରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରି ।ରିବେ ।ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉ:ର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁ ର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

# ଏସ୍‌ବିଆଇ ପକ୍ଷରୁ ନଭେମ୍ବର ୨୨ରେ ସର୍ବଭାରତୀୟ ସ୍ତରରେ "ଗ୍ରାହକ ସମ୍ମିଳନୀ" ଆୟୋଜନ କରାଯିବ

ଭୁବନେଶ୍ୱର: ଗ୍ରାହକଙ୍କ ସହ ଯୋଡ଼ିହେବା, ସେମାନଙ୍କ ଅନୁଭୂତିରେ ଉନ୍ନତି ଆଣିବା ଓ ସେମାନଙ୍କୁ ଉନ୍ନତ ସେବା ପ୍ରଦାନ କରିବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ନଭେମ୍ବର ୧୨ରେ ଗ୍ରାହକ ସମ୍ମିଳନୀ ଆୟୋଜନ କରାଯିବ । ଏସବିଆଇ ପକ୍ଷରୁ ଗ୍ରାହକଙ୍କୁ ଡିଜିଟାଲ୍ ପେମେଂଟ୍ ବ୍ୟବସ୍ଥାର ଲାଭ ଓ ସୁବିଧା ବିଷୟରେ ଗ୍ରାହକଙ୍କୁ ଅବଗତ କରିବା ଏବଂ କାରବାର କରିବା ବେଳେ ସୁରକ୍ଷିତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅନୁସରଣ କରିବା ଲାଗି ସେମାନଙ୍କୁ ସଚେତନ କରାଯିବ । ଏହି ଅଭିଯାନ ଜରିଆରେ ବ୍ୟାଙ୍କ ତରଫରୁ ଓଡ଼ିଶା ଲୋକାଲ୍ ହେଡ୍ ଅଫିସ୍ (ଏଲ୍‌ଏଚ୍‌ଓ)ରେ ୨୫ଟି ସ୍ଥାନ ମାଧ୍ୟମରେ ଗ୍ରାହକଙ୍କ ସହ ଯୋଡ଼ି ହେବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ମୋଟ ଉପରେ ବ୍ୟାଙ୍କ ତରଫରୁ ସାରା ଦେଶରେ ଥିବା ଏସବିଆଇର ୧୭ଟି ଏଲ୍‌ଏଚ୍‌ଓରେ ୫୧୭ଟି ସ୍ଥାନ ଜରିଆରେ ଗ୍ରାହକଙ୍କ ପାଖରେ ପହଂଚିବାକୁ ବ୍ୟାଙ୍କ ଯୋଜନା ରଖିଛି । ବୈଠକଗୁଡ଼ିକରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ବକ୍ତବ୍ୟ ପ୍ରଦାନ କରିବେ ।ଏହି ଅଭିଯାନରେ, ଗ୍ରାହକମାନେ ବ୍ୟାଙ୍କର ଷ୍ଟାଫଙ୍କ ସହ ନିଜ ସମସ୍ୟା ବିଷୟରେ ଆଲୋଚନା କରିପାରିବେ ଏବଂ ବ୍ୟାଙ୍କର ଉତ୍ପାଦ ଓ ସେବା ଉପରେ ମତାମତ ଓ ପରାମର୍ଶ ଦେଇପାରିବେ । ଗ୍ରାହକଙ୍କ ମତାମତ ଓ ପରାମର୍ଶ ବ୍ୟାଙ୍କକୁ ନିଜର ଥିବା ଉତ୍ପାଦ ଓ ସେବାରେ ଉନ୍ନତି ଆଣିବାରେ ସହାୟକ ହେବ । ଏହି ଘୋଷଣା କରିବା ଅବସରରେ ଶ୍ରୀଯୁକ୍ତ ପି କେ ଗୁପ୍ତା, ଏମ୍‌ଡି-ରିଟେଲ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ, ଏସ୍‌ବିଆଇ କହିଛନ୍ତି ଯେ, "ଗ୍ରାହକଙ୍କ ସହ ସମ୍ପର୍କ ସ୍ଥାପନ କରିବା ଏକ ଜାରି ରହିଥିବା ପ୍ରକ୍ରିୟା ଯାହାକୁ ଏସବିଆଇ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରୁଛି । ସେମାନଙ୍କ ମୂଲ୍ୟବାନ ମତାମତ ଓ ପରାମର୍ଶ ଗୁଣାତ୍ମକ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ବ୍ୟାଙ୍କ ପାଇଁ ସହାୟକ ହେବ । ବ୍ୟାଙ୍କ ସର୍ବଦା ଏହାର ଗ୍ରାହକଙ୍କୁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ ।''

# ସୋନୀ ପକ୍ଷରୁ ଏହାର ଦୁଇଟି ନୂଆ ଉତ୍ପାଦର ଶୁଭାରମ୍ଭ

ଭୁବନେଶ୍ୱର : ସୋନୀ ପକ୍ଷରୁ ଆଜି ଏହାର ଦୁଇଟି ମିରର ଲେସ କ୍ୟାମେରା ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର ଶୁଭାରମ୍ଭ କରାଯାଇଛି । ଏହି ନୂତନ ଅଲଫା ୬୬୦୦ ସବୁଠାରୁ ଅଧିକ ଚାହୁଁଥିବା ଫଟୋଗ୍ରାଫର ଏବଂ ଭିଡିଓ ନିର୍ମାତାଙ୍କ ଆବଶ୍ୟକତାକୁ ନିଜର ବହୁମୁଖୀତା ସହ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା କି ବିଭିନ୍ନ ପ୍ରକାରର ସୁଟିଂ ପରିସ୍ଥିତି ଏବଂ ବ୍ୟବହାରକାରୀଙ୍କ ପାଇଁ ଉପଯୋଗୀ ହୋଇପାରିବ । ସେହିଭଳି ଆଲଫା ୬୧୦୦ ସେହି ବ୍ୟବହାରକାରୀଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ଇଣ୍ଟରଚେଞ୍ଜେବୁଲ ଲେନ୍ସ କ୍ୟାମେରା ସହ ବିଭିନ୍ନ ପରିସ୍ଥିତିରେ ସୁଟିଙ୍ଗ ଏବଂ ଉତ୍ତମ ମାନର ଫଟୋ ଓ ଭିଡିଓ ସୁଟ କରିପାରିବେ ।

ଏହି ଦୁଇଟି ଏପିଏସ-ସି ମିରରଲେସ କ୍ୟାମେରାର ଶୁଭାରମ୍ଭ ସହ ସୋନି ପକ୍ଷରୁ ଏହାର ଇ-ମାଉଣ୍ଟର ଲାଇନ ଅଫ ପାଇଁ ଜି ଲେନ୍ସ ସିରିଜରେ ଦୁଇଟି ନୂଆ ଏପିଏସ-ସି ଜୁମ ଲେନ୍ସର ମଧ ଘୋଷଣା କରାଯାଇଥିବାବେଳେ ଏଥିରେ ଇ ୧୬-୫୫ଏମଏମ ଏଫ୨.୮ ଜି ଷ୍ଟାଣ୍ଡାର୍ଡ ଜୁମ ଲେନ୍ସ ଏବଂ ଇ ୭୦-୩୫୦ଏମଏମ ଏଫ୪.୫-୬.୩ ଜି ଓଏସଏସ ସୁପର ଟେଲିଫଟୋ ଜୁମ ଲେନ୍ସ ସାମିଲ ରହିଛି ।

ତେବେ ଏହି ଅବସରରେ ସୋନୀ ଇଣ୍ଡିଆର ଡିଜିଟାଲ ଇମେଜିଂ ଡିଭିଜନର ପ୍ରମୁଖ ଶ୍ରୀ ହିରୋୟୁକି ଟୋକୁନୋ କହିଛନ୍ତି ଯେ, "ଆମର 'ୱାନ ମାଉଣ୍ଟ' କୌଶଳ ନିରବଚ୍ଛିନ୍ନ ଭାବରେ ଇ-ମାଉଣ୍ଟ ସିଷ୍ଟମ, କ୍ୟାମେରା ଏବଂ ଲେନ୍ସକୁ ଫୁଲଫ୍ରେମ ଓ ଏପିଏସ-ସି ମଧ୍ୟରେ ସମ୍ପୂର୍ଣ୍ଣ ଆନ୍ତଃ ଅନୁକୂଳତା ସହ ପ୍ରସାରିତ କରିଥାଏ । ଏହାର ଅର୍ଥାତ ହେଉଛି ଆମେ ଗ୍ରାହକମାନଙ୍କୁ ଚୟନ କରିବା ପାଇଁ ଆକର୍ଷଣକାରୀ ଉତ୍ପାଦର ବ୍ୟାପକ ଶୃଙ୍ଖଳ ଦେଇଥାଉ, ଯାହା ଦ୍ୱାରା ସେମାନେ ନିଜର ଆବଶ୍ୟକତା ନିମନ୍ତେ ଉପଯୁକ୍ତ ସାଧନ ବାଛିପାରିବେ ।"

ନୂତନ ଅଲଫା ୬୬୦୦ ଏବଂ ଅଲଫା ୬୧୦୦ର କେନ୍ଦ୍ରରେ ଗୋଟିଏ ୨୪.୨ଏମପି ଏକ୍ସମୋର ସିଏମଓଏସ ଇମେଜ ସେନସର, ସଦ୍ୟତମ ବାୟୋନିଜ ଏକ୍ସ ଇମେଜ ପ୍ରୋସେସର ଏବଂ ଫ୍ରଣ୍ଟ-ଏଣ୍ଡ ଏଲଏସଆଇ ଫୁଲ-ପ୍ରେମ କ୍ୟାମେରା ସହ କାର୍ଯ୍ୟକାରୀ ହୋଇଥାଏ ।

# ଭାରତରେ ରିଅଲ୍‌ମି ଏକ୍ସ୨ ପ୍ରୋର ଶୁଭାରମ୍ଭ

ଭୁବନେଶ୍ୱର : ଏକ ବିରାଟ ଲଂଚ କ୍ରମରେ ଭାରତର ଏକ ନମ୍ବର ଗୁଣବତ୍ତା ବିଶିଷ୍ଟ ଓ ଦୃତ ଅଭିବୃଦ୍ଧି କରୁଥିବା ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ରିଅଲ୍‌ମି ଏହାର ବହୁ ପ୍ରତିକ୍ଷିତ ଫ୍ଲାଗ୍‌ସିପ୍ ସ୍ମାର୍ଟଫୋନ୍ ରିଅଲ୍‌ମି ଏକ୍ସ ୨ ପ୍ରୋକୁ ଆଜି ଭାରତରେ ଲଂଚ୍ କରିଛି । ଉଦୀୟମାନ ତରୁଣ ବ୍ରାଣ୍ଡ୍‌ର ଏହା ହେଉଛି ପ୍ରଥମ ପ୍ରିମିୟମ୍ ଫ୍ଲାଗସିପ୍ ସ୍ମାର୍ଟ । ରିଅଲ୍‌ମି ଏକ୍ସ ୨ପ୍ରୋରେ ଭାରତର ଦୃତତମ ୫୦ ୱାଟ୍ ସୁପର ଭିଓଓସି ଫ୍ଲାସ୍ ଚାର୍ଜ ରହିଛି( ଯାହା ମାତ୍ର ୩୫ ମିନିଟରେ ୧୦୦ ପ୍ରତିଶତ ଚାର୍ଜ କରିଥାଏ) । ଏହା ସହ ରହିଛି ଦୃତତମ ସ୍ନାପ୍‌ଡ୍ରାଗନ ପ୍ରୋସେସର-ସ୍ନାପ୍‌ଡ୍ରାଗନ୍ ୮୫୫+ । ରିଅଲ୍‌ମି ଏକ୍ସ ଟୁ ପ୍ରୋ ଦୁଇଟି ରଙ୍ଗରେ ଉପଲବ୍ଧ ହେବ- ନେପଚୁନ୍ ବ୍ଲୁ ଏବଂ ଲୁନାର ହ୍ୱାଇଟ୍ । କମ୍ପାନୀ ମଧ୍ୟ ରଡ୍ରେ ବ୍ରିକ୍ ଓ କଂକ୍ରିଟ୍ ରଙ୍ଗର ମାଷ୍ଟର ଏଡିସନ୍ ଲଂଚ୍ କରିବ । ଯାହାକୁ ପ୍ରଖ୍ୟାତ ଡିଜାଇନର ନାଓଟୋ ଫୁକାସ୍ୱା ଡିଜାଇନ୍ କରିଛନ୍ତି । ଦୁଇ ଭେରିଆଣ୍ଟ(ପ୍ରକାର)ରେ ଏହି ସ୍ମାର୍ଟ୍ ଫୋନ୍ ଉପଲବ୍ଧ ହେବ-୮+୧୨୮ ଜିବି,ମୂଲ୍ୟ ୨୯,୯୯୯ ଏବଂ ୧୨+୨୫୬ ଜିବି,ମୂଲ୍ୟ ୩୩,୯୯୯ ରହିଛି ଏବଂ ଏହାର ବିକ୍ରି ନଭେମ୍ବର ୨୬ ଆରମ୍ଭ ହେବ । ରେଡ ବ୍ରିକ ଏବଂ କନକ୍ରିଟର ମାଷ୍ଟର ଏଡିସନ ଥିବା ୧୨ + ୨୫୬ ଜିବି ଭ୍ୟାରିଏଣ୍ଟର ମୂଲ୍ୟ ୩୪,୯୯୯ ରହିଛି ।

ରିଅଲ୍‌ମି ମଧ୍ୟ ଏହାର ରିଲେମ୍ ୫ଏସ୍‌ର ଅପଗ୍ରେଡେଡ୍ ଭର୍ସନ ଲଂଚ୍ କରିଛି । ନୂଆ ରିଅଲ୍‌ମି ୫ଏସ୍ ୪୮ ଏମପି କ୍ୱାଡ୍ କ୍ୟାମେରା ବିଶିଷ୍ଟ ହୋଇଥିବା ବେଳେ ଏଥିରେ ମହାକାୟ ୫୦୦୦ ଏମଏଚ୍ ବ୍ୟାଟେରି ରହିଛି,ଯାହା ଗ୍ରାହକଙ୍କୁ ଅଧିକ ସମୟ ମନୋରଂଜନର ଅନୁଭବ ଦେବ । କ୍ରିଷ୍ଟାଲ୍ ରେଡ୍, କ୍ରିଷ୍ଟାଲ ପର୍ପଲ ଏବଂ କ୍ରିଷ୍ଟାଲ ବ୍ଲୁ ରଙ୍ଗରେ ଏହା ଉପଲବ୍ଧ ହେବ । ଦୁଇ ପ୍ରକାରରେ ଉପଲବ୍ଧ ହେବାକୁ ଥିବା ଏହି ଫୋନର ଗୋଟିଏ ୪+୬୪ ଜିବିର ମୂଲ୍ୟ ୯,୯୯୯ ହୋଇଥିବା ବେଳେ ଅନ୍ୟଟି ୪+୧୨୮ ଜିବି ଓ ମୂଲ୍ୟ୧୦,୯୯୯ ରହିବ । ନଭେମ୍ବର ୨୯ ତାରିଖରୁ ଫ୍ଲିପ୍‌କାର୍ଟ ଓ ରିଲେମ୍ ଡଟ୍ କମ୍/ଇନ୍‌ରେ ଏହା ଉପଲବ୍ଧ ହେବ ।

ଅସାଧାରଣ ଉତ୍ପାଦନ ଦ୍ୱାରା ବଜାରରେ ହଇଚଇ ସୃଷ୍ଟି କରୁଥିବା ରିଅଲ୍‌ମି ଇଣ୍ଡିଅ ସିଇଓ ମାଧବ ସେଠ୍ କହିଛନ୍ତି ଯେ, "ଆମ ଆମର ବୁଦ୍ଧିମାନ ରିଲେମ୍ ଗ୍ରାହକଙ୍କ ପାଇଁ ରିଅଲ୍‌ମି ଏକ୍ସ ଟୁ ପ୍ରୋ ଆଣି ଅତ୍ୟନ୍ତ ଉତ୍ସାହିତ ଅଛୁ । କାରଣ ଦେଶରେ ଏହି ମୂଲ୍ୟ ଭିତରେ ଉପଲବ୍ଧ ଫ୍ଲାଗସିପ୍ ସ୍ମାର୍ଟଫୋନ ମଧ୍ୟରେ ଏହା ହେଉଛି ସର୍ବୋତ୍ତମ । ଆମେ ରିଅଲ୍‌ମି ଏକ୍ସ ଟୁ ପ୍ରୋ ସହ ଅଲ୍ଟିମେଟ୍ ଫ୍ଲାଗସିପ୍ ଫୋନକୁ ଲଂଚ ପ୍ରଦାନ କରିଛୁ ଏବଂ ଏହାକୁ 'ଫାଷ୍ଟର,ବୋଲ୍ଡର ତଥା ସାର୍ପର' କରିପାରିଛୁ । ୫୦ଡବ୍ଲୁ ସୁପର ଭିଓଓସି ଫ୍ଲାସ୍ ଚାର୍ଜର ଏବଂ ଦୃତତମ ସ୍ନାପଡ୍ରାଗନ ପ୍ରୋସେସର ସହ ଏହା ହେଉଛି ଦେଶର ସବୁଠୁ ଶୀଘ୍ର ଚାର୍ଜ ହେଉଥିବା ସ୍ମାର୍ଟଫୋନ୍ । ଏହାର ଡୁଆଲ ଷ୍ଟେରିଓ ସ୍ପିକର ନୂଆ ଅନୁଭବ ଦେବ । ଏବଂ ଏହାର ୬୪ ଏମପି ମୁଖ୍ୟ କ୍ୟାମେରା, ଯେଉଁଥିରେ ୨୦ଏକ୍ସ ଜୁମ୍ ବୈଶିଷ୍ଟ୍ୟ ରହିଛି , ଆମର 'ଲଂଚ କରିବା ପାଇଁ ସାହସ' ଦର୍ଶନକୁ ପୁନଃପରିଭାଷିତ କରୁଛି । ଆମ ଗ୍ରାହକଙ୍କ ଏହି ପରମ ସ୍ମାର୍ଟଫୋନର ଉପଭୋଗକୁ ଆମେ ଅପେକ୍ଷା କରିଛୁ"

ରିଅଲ୍‌ମି ୫ଏସ୍ ଉପରେ ଗୁରୁତ୍ୱ ଦେଇ ମାଧବ କହିଥିଲେ ଯେ, ୧୦ ହଜାର ଟଙ୍କା ମଧ୍ୟରେ ଆମର ରିଅଲ୍‌ମି ଫଇଭ୍ ଏସ୍ ସର୍ବୋତ୍ତମ ୪୮ଏମପି କ୍ୱାଡ୍ କ୍ୟାମ ସ୍ମାର୍ଟଫୋନ୍ । ଆମେ ଆମ ଗ୍ରାହକଙ୍କୁ ବଡ ପିକ୍‌ଚର,ବଡ ଷ୍ଟୋରେଜ୍ ଏବଂ ବଡ ବ୍ୟାଟେରି (୫୦୦ଏମଏଚ) ଦେଇ ବେସ୍ ଖୁସୀ ଅନୁଭବ କରୁଛୁ । ଆମ ରିଅଲ୍‌ମି ୫ ଏବଂ ରିଅଲ୍‌ମି ୫ ପ୍ରୋକୁ ଗ୍ରାହକଙ୍କ ସମର୍ଥନ ମିଳିଛି ଏବଂ ମୁଁ ନିଶ୍ଚିତ ଯେ, ରିଅଲ୍‌ମି ୫ ଏସ୍ ବଜାରକୁ ଆଗକୁ ବଢାଇବ ଏବଂ ଉପଭୋକ୍ତାଙ୍କୁ ସର୍ବୋତ୍ତମ କ୍ୟାମେରା ଏକ୍ସପିରିଏନ୍ସ ଦେବ'

# ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତିରେ ସାର୍ବଜନୀନ ଶିଶୁ ଦିବସ ପାଳିତ




ଭୁବନେଶ୍ୱର: ଉନ୍ନତ ଜୀବନ ବଂଚିବା ଲାଗି ଲୋକମାନଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଜାରି ରଖି ଦେଶର ସର୍ବବୃହତ ଏଫ୍‌ଏମ୍‌ସିଜି ପ୍ରତ୍ୟକ୍ଷ ବିକ୍ରି କଂପାନି ଆମ୍‌ୱେ ଇଣ୍ଡିଆ ପକ୍ଷରୁ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି । ଆମ୍‌ୱେ ଇଣ୍ଡିଆର ସିଏସ୍‌ଆର୍ ପ୍ରକଳ୍ପ-ପ୍ରୋଜେକ୍ଟ ସନ୍‌ରାଇଜ୍‌ର ଅଂଶ ସ୍ୱରୂପ ସାରା ଭାରତରେ ୧୨ ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଏହି ବାର୍ଷିକ ଉତ୍ସବ ପାଳନ କରାଯାଉଛି ଯାହା ଜରିଆରେ ଭାରତର ଉପେକ୍ଷୀତ ବର୍ଗର ପିଲାମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ ସୁବିଧା ପ୍ରଦାନ କରି ସେମାନଙ୍କ ସାମଗ୍ରିକ ବିକାଶର ପ୍ରସାର କରିବାକୁ ଆମ୍‌ୱେ ଲକ୍ଷ୍ୟ ରଖିଛି ।

ଏହି ଉତ୍ସବ ପାଳନରେ ଯୁବପିଢ଼ିଙ୍କୁ ବିଭିନ୍ନ ପ୍ରକାର ଭାବବିନିମୟ ଭିତିକ କାର୍ଯ୍ୟକ୍ରମ ଜରିଆରେ ଉତ୍ସାହିତ ଓ ସଶକ୍ତ କରାଯାଉଛି । ଏଥିରେ ସାମିଲ ରହିଛି ଚିତ୍ରାଙ୍କନ ପ୍ରତିଯୋଗିତା, ସଙ୍ଗୀତ ପ୍ରଦର୍ଶନ, ପ୍ଲାଷ୍ଟିକ୍‌ର ବ୍ୟବହାରକୁ ଦୂର କରିବା ଦିଗରେ ଲୋକମାନଙ୍କୁ ସଚେତନ କରିବା ଲାଗି ସର୍ଟ ସ୍କିଟ୍, ଭାବ ବିନିମୟ କର୍ମଶାଳା, କଣ୍ଢେଇ ନୃତ୍ୟ ପ୍ରଦର୍ଶନ ଏବଂ ଆହୁରି ବହୁତ କିଛି ।ଭୁବନେଶ୍ୱରରେ ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପଲ୍ଲୀ ଉନ୍ନୟନ ସେବା ସମିତି ସହଯୋଗରେ ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଇଛି ଯେଉଁଥିରେ ଶିଶୁମାନଙ୍କ ଜ୍ଞାନ ପରିସୀମା ବୃଦ୍ଧି କରିବାର ଅଂଶ ସ୍ୱରୂପ ସେମାନଙ୍କୁ ଆଂଚଳିକ ବିଜ୍ଞାନ କେନ୍ଦ୍ରକୁ ପରିଦର୍ଶନରେ ନିଆଯାଇଥିଲା । ୩୦୦ରୁ ଅଧିକ ପିଲା ଏହି ଦିବସବ୍ୟାପୀ ଭ୍ରମଣରେ ଅଂଶଗ୍ରହଣ କରିଥିଲେ ଏବଂ ଏହାର ଶେଷ ବେଳକୁ ପିଲାମାନେ ପରସ୍ପର ସହିତ ଅତି ଖୁସିର ନିଜର ଭାବନାକୁ ବାଂଟୁଥିବା ଦେଖିବାକୁ ମିଳିଥିଲା । ଏହି ଦିନଟି ପଲ୍ଲୀ ଉନ୍ନୟନ ସେବା ସମିତିର ପିଲାମାନଙ୍କ ଲାଗି କୌତୁକ ଏବଂ ଶିକ୍ଷାର ଏକ ଦିବସ ଥିଲା ।ଶ୍ରୀଯୁକ୍ତ ଚନ୍ଦ୍ରା ଚକ୍ରବର୍ତୀ, ଉପସଭାପତି-ପୂର୍ବ, ଆମ୍‌ୱେ ଇଣ୍ଡିଆ କହିଛନ୍ତି ଯେ, "ଆଜିର ପିଲାମାନେ ହେଉଛନ୍ତି ଆସନ୍ତାକାଲିର ନେତୃବୃନ୍ଦ ଏବଂ ଆମ୍‌ୱେ ଇଣ୍ଡିଆ ପ୍ରତିବର୍ଷ ଏହାର ଏନ୍‌ଜିଓ ସହଯୋଗୀଙ୍କ ସହ ମିଶି ଶିଶୁ ଦିବସ ପାଳନ କରୁଛି । ପିଲାମାନଙ୍କ ଭିତରେ ପ୍ରବଳ ଉତ୍ସାହ ଓ ଅଭିଳାଷକୁ ଦେଖିବା ଏବଂ ଜୀବନକୁ ଭାବିବା ବେଳେ ସେମାନେ ଯେଉଁଭଳି ନୂତନ ଚିନ୍ତାଧାରା ପ୍ରଦର୍ଶନ କରୁଛନ୍ତି ତାହାକୁ ଦେଖି ବହୁତ ଖୁସି ଲାଗୁଛି । ପଲ୍ଲୀ ଉନ୍ନୟନ ସେବା ସମିତି ସହିତ ସହଯୋଗିତା ସ୍ଥାପନ କରି ଆମେ ଗର୍ବିତ ଏବଂ ପିଲାମାନଙ୍କ କଲ୍ୟାଣ ପ୍ରତି ଆମେ ସମର୍ଥନ ପ୍ରଦାନ କରିବା ଜାରି ରଖିବୁ ।''ଏହି ଅବସରରେ ଶ୍ରୀମତୀ ସ୍ୱାତୀ ସୁଚିସ୍ମିତା ପାତ୍ର, ସଂପାଦିକା, ପଲ୍ଲୀ ଉନ୍ନୟନ ସେବା ସମିତି କହିଛନ୍ତି ଯେ, "ଆମର ଲକ୍ଷ୍ୟ ହେଛି ପିଲାମାନଙ୍କୁ ନିୟମିତ ସମୟରୁ ବାହାର କରି କିଛି ସମୟ ସେମାନଙ୍କୁ କୌତୁକ କାର୍ଯ୍ୟକଳାପରେ ନିୟୋଜିତ କରିବା ଦରକାର ଯାହା ଦ୍ୱାରା ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିବ ଓ ଜ୍ଞାନ ବୃଦ୍ଧି ପାଇବ ଓ ସେମାନେ ଅନେକ କିଛି ଜାଣିପାରିବେ । ବିଗତ କିଛି ବର୍ଷ ହେଲାଣି ଶିଶୁ ଦିବସ ଆମ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବରେ ପରିଣତ ହୋଇଛି ଏବଂ ସେମାନେ ଆମ୍‌ୱେ ସହିତ ଏହି ଦିବସଟିକୁ ପାଳନ କରିବା ଲାଗି ଆଗ୍ରହର ସହ ଚାହିଁରହିଥାନ୍ତି । ପିଲାମାନଙ୍କ ଲାଗି ଏକ କୌତୁକପୂର୍ଣ୍ଣ ଦିବସ ପାଳନ କରିଥିବାରୁ ଆମ୍‌ୱେକୁ ହୃଦୟରୁ ଧନ୍ୟବାଦ ।''

